ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୨ ୧

# ଇତିହାସ ଗର୍ଭରେ ଶିକ୍ଷା


ଡୁଇଟ ଡେଭିଡ ଫିଲିପ

ଶିକ୍ଷା ବିଭିନ୍ନ ପ୍ରକାର । କୁଶିକ୍ଷା, ସୁଶିକ୍ଷା, ପ୍ରାରମ୍ଭିକ ଶିକ୍ଷା, ଉଚ୍ଚ୍ଚ ଶିକ୍ଷା ଇତ୍ୟାଦି । ଦେଖିବାକୁ ମିଳୁଛି, ସଭ୍ୟତାର ବିକାଶ ଓ ଅଗ୍ରଗତି ବିଜ୍ଞାନ ଓ ଏହାର ଶିକ୍ଷା ଉପରେ ନିର୍ଭର କରେ । ଶିକ୍ଷା ଯଦି ବିଜ୍ଞାନ ଓ ସତ୍ୟ ଉପରେ ଆଧାରିତ ତେବେ ସବୁ ବେଳେ ତାହା ଗ୍ରହଣୀୟ । କାରଣ ସତ୍ୟ ଓ ବିଜ୍ଞାନ ପ୍ରମାଣ ଉପରେ ଆଧାରିତ ।ଶିକ୍ଷା ଅର୍ଜନ ଏକ ମାନବୀୟ ପ୍ରବୃତି, ମାନବିକ ଅଧିକାର, ଗଣ ତାନ୍ତ୍ରିକ ଅଧିକାର । ଘରେ ନିଜସ୍ୱ ଚେଷ୍ଟାରେ ପ୍ରତେକେ ଶିକ୍ଷା ଅର୍ଜନ କରନ୍ତି, ମାଁ ଓ ପରିବାର ଶିକ୍ଷା ଦିଅନ୍ତି । ରାଷ୍ଟ୍ର ଆନୁଷ୍ଠାନିକ ଶିକ୍ଷା ଓ ଅଣ ଆନୁଷ୍ଠାନିକ ଶିକ୍ଷାର ବ୍ୟବସ୍ଥା କରେ । ମଣିଷ ଶିକ୍ଷା ଯୋଗୁଁ ମଣିଷ ଓ ସଭ୍ୟ ବୋଲାଯାଏ । କେତେକ ପଶୁ ଓ ପକ୍ଷୀ ମଧ୍ୟ ଶିକ୍ଷା ପାଇଁ ଉତମ କାର୍ଯ୍ୟ କରନ୍ତି କିନ୍ତୁ ସୃଜନ ଶିଳତା ପଶୁ ପକ୍ଷୀଙ୍କର ଅତି ସୀମିତ । ଶିକ୍ଷା ପାଇ ମଣିଷ ବିଚକ୍ଷଣ ସୃଜନ ଶକ୍ତିର ଅକ୍ତିଆର ହୋଇ ନିଜେ ଓ ଅନ୍ୟକୁ ସୁବିଧା ଦେଇ ଜୀବନକୁ ଗୁଣାତ୍ମକ କରିପାରେ ।ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଭିନ୍ନ ପ୍ରକାର, କିନ୍ତୁ ଅନ୍ଧକାରରୁ ବାହାରିବା ଓ ଜୀବନକୁ ଗୁଣାତ୍ମକ କରି ଦୀର୍ଘ ଯିବି ହେବା ଶିକ୍ଷାର ବିଶେଷ ପରିଣାମ । ଶିକ୍ଷା ମଣିଷ ଦେଇ ପାରେ ନେଇ ପାରେ । ଶିକ୍ଷା ବିହୁନେ, ଗୁଣାତ୍ମକ ଜୀବନ ଅସମ୍ଭବ । ଭୌତିକ ଜଗତର ଶିକ୍ଷା ସର୍ବ ଗ୍ରହଣୀୟ ଓ ପ୍ରମାଣ କରିହୁଏ । ପରମାର୍ଥିକ ଶିକ୍ଷା ଅଦ୍ୟାବଧି ବିବାଦୀୟ ଓ ତାର୍କିକ । ପ୍ରମାଣ ବିହୁନେ ପରମାର୍ଥିକ ବିଷୟର ଶିକ୍ଷା ଯୁଗେ ଯୁଗେ ଚାଲି ଆସିଛି । ଏମିତି ବି ସବୁ ପରମାର୍ଥିକ ଶିକ୍ଷା ପ୍ରମାଣ ବିହୀନ କହିହେବ ନାହିଁ ।କିନ୍ତୁ ପରମାର୍ଥିକ ଶିକ୍ଷା ଓ ପ୍ରସାର, ପ୍ରମାଣ ବିହୁନେ ଅର୍ଥ, ସମ୍ମାନ, ସ୍ୱୀକୃତି, ବଳ, ପଦବୀ ହାସଲ ଓ ଉପାର୍ଜନର ମାଧ୍ୟମ ହୋଇଛି । ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଶିକ୍ଷା ପାଇ ପ୍ରମାଣ ବିହୀନ ପରମାର୍ଥିକ ଶିକ୍ଷା ଅର୍ଜନ ମଣିଷ କରିଚାଲିଛି । ବିଶ୍ୱବିଦ୍ୟାଳୟରେ ବି ପରମାର୍ଥିକ ଶିକ୍ଷା ବିଭାଗ ରହିଛି ଓ ଲୋକେ ସ୍ନାତକ ଓ ଡକ୍ଟର ଡିଗ୍ରୀ ପାଉଛନ୍ତି । ମୃତ୍ୟୁ ପରେ ଜୀବନ କୌଣସି ଧର୍ମ ପ୍ରମାଣ କରିପାରି ନାହିଁ । ଖ୍ରୀଷ୍ଟ ଧର୍ମର ଆଧାର, ମୃତ୍ୟୁ ପରେ ଜୀବନ । କିନ୍ତୁ ଖ୍ରୀଷ୍ଟ ଧର୍ମାବଲମ୍ବି, ଏହା ବିଶ୍ୱାସର ବିଷୟ କହି ତର୍କ ଜିତିବା ପାଇଁ ଚେଷ୍ଟା କରନ୍ତି । ଯୀଶୁ ମୃତ୍ୟୁ ପରେ ପୁନାରୁଥିତ ହୋଇ ଅବିଶ୍ୱାସୀ ଶିଷ୍ୟ ଓ ଅବିଶ୍ୱାସୀ ଜନତାଙ୍କୁ ପ୍ରମାଣ ଦେଇ ଥିଲେ ଏହା ଖ୍ରୀଷ୍ଟିଆନମାନଙ୍କର ପ୍ରଚାର ଓ ଧର୍ମ ଗ୍ରନ୍ଥର ବିଷୟ ବସ୍ତୁ । ଏହାକୁ କିଏ କେମିତି ପ୍ରମାଣ କରିବ । ଏହି ଖ୍ରୀଷ୍ଟିଆନମାନଙ୍କର ସର୍ବଶ୍ରେଷ୍ଠ ଧର୍ମଗୁରୁ ଯୀଶୁ, ଅଗାଧ ପ୍ରେମ, ସେବା ଓ କ୍ଷମାକୁ ପ୍ରଦର୍ଶନ କରନ୍ତି ପାଳନ କରନ୍ତି ଓ ଆଜି ବି ସେହି ଧର୍ମଗୁରୁମାନେ ଆଦୃତ ହେଉଛନ୍ତି ଯେଉଁମାନେ ଅଗାଧ ପ୍ରେମ, ସେବା ଓ କ୍ଷମା ପ୍ରକାଶନ କରୁଛନ୍ତି । କିନ୍ତୁ ଖ୍ରୀଷ୍ଟିଆନ ଓ ଚର୍ଚ୍ଚ ପ୍ରତିଶୋଧ, ଯୁଦ୍ଧ, ଭୌତିକ ସମ୍ପତି ଅଧିକୃତ କରିବା ପାଇଁ ପୃଥିବୀ ଇତିହାସରେ ଅଗ୍ରଣୀ ସ୍ଥାନ ପାଇଛି । କିନ୍ତୁ ଯୀଶୁଙ୍କ ଅନେକ ଶିଷ୍ୟ ଯୁଗେ ଯୁଗେ ପ୍ରେମ, ସେବା, କ୍ଷମା ଓ ବଦାନ୍ୟ ହେବାର ବି ପ୍ରମାଣ ଦେଇ ବିଶ୍ୱରେ କୀର୍ତି ଅର୍ଜନ କରିଛନ୍ତି । ସବୁ ଶିଷ୍ୟ ବିଭିନ୍ନ ପ୍ରକାରର ଆକ୍ରମଣର ଶିକାର ହୋଇ ଶେଷରେ ଅପ୍ରାକୃତିକ ମୃତ୍ୟୁ ବରଣ କରିବା ଇତିହାସ ରହିଛି । ଯେଉଁ ପରମାର୍ଥିକ ଶିକ୍ଷା ଇହକାଳ ଓ ପରକାଳରେ ନିଜ ଓ ଅନ୍ୟର ଶାନ୍ତି, ପ୍ରଗତି, ସୁରକ୍ଷା କାମନା କରୁ ନାହିଁ । ସେହି ଶିକ୍ଷା ତିରସ୍କୃତ ହୁଏ ।ଜଗତରେ ନାନା ପରମାର୍ଥିକ ବିଚାର ଓ ଶିକ୍ଷା ଥାଇ ବୌଦ୍ଧ, ଜୈନ, ଶିଖ, ବିଚାର ଓ ଶିକ୍ଷା ବିଶ୍ୱରେ ପ୍ରଚାର ହେଲା । ସବୁ ଧର୍ମରୁ ବୋଧହୁଏ ଲୋକ ଧର୍ମ ପରିବର୍ତନ କରୁଛନ୍ତି । କିନ୍ତୁ ଖ୍ରୀଷ୍ଟିଆନ ଦୁନିଆ ଅନେକ ଯୁଦ୍ଧ, ଅନେକ ହତ୍ୟା ଓ ସମ୍ପତି ଲୁଟ କରିବା ସତ୍ତ୍ୱେ ଯୀଶୁଙ୍କ ଶିକ୍ଷା ଧର୍ମ, ଜାତି, ବର୍ଣ୍ଣ, ଧନ, ଭୌଗୋଳିକ ସ୍ଥିତି ନିର୍ବିଶେଷରେ ଆଦୃତ ହେଉଛି । ଏହା ଏଥିପାଇଁ ଯେ ପ୍ରେମ ଉପରେ କ୍ଷମା ଖ୍ରୀଷ୍ଟ ଧର୍ମର ମୂଳ ତତ୍ୱ । ମୁଁ କ୍ଷମା ଦେଇଛି କି ନାହିଁ ଏହି ଶିକ୍ଷା ଖ୍ରୀଷ୍ଟଧର୍ମର ମୂଳ ଆଧାର । ସ୍ୱର୍ଗରେ ପ୍ରବେଶ କ୍ଷମା ଦେବା ଓ ଯୀଶୁଙ୍କୁ ବିଶ୍ୱାସ କରିବା ଉପରେ ପର୍ଯ୍ୟବେସିତ । ଯୀଶୁ କ୍ଷମା ଦେଇ ଖାଲି ସ୍ୱର୍ଗରେ ସ୍ଥାନ ପାଇବା କଥା କହି ନାହାଁନ୍ତି କ୍ଷମା ଦେଇ ଦୁଇ ପ୍ରାଣୀ, ପରିବାର, ସମାଜ, ଦେଶ ଯୋଡ଼ି ପରିବାର ମନ୍ତ୍ର ଶିକ୍ଷା ଦେଇଛନ୍ତି ।ବିଜ୍ଞାନ ସୃଜନ ଶିଥିଳତା ଏକ ଫଳ । ସବୁ ସୃଜନ ବିଜ୍ଞାନ ବି କହିହେବ ନାହିଁ । କଳା, ସାହିତ୍ୟ, ସଙ୍ଗୀତ, ଚିତ୍ର, ଯୋଗାଡ ଓ ଉପାଖ୍ୟାନ ବିଜ୍ଞାନ ହୋଇପାରେ କିନ୍ତୁ ସେସବୁ ଗୁଣାତ୍ମକ ଶିକ୍ଷା କହି ହେବନାହିଁ । ସନ୍ତ୍ରାସବାଦର ଗୁଣାତ୍ମକ ଶିକ୍ଷା କ'ଣ ହୋଇପାରେ, ସେବୀ ବିଜ୍ଞାନ, କଳା, ସାହିତ୍ୟ, ସଙ୍ଗୀତ, ଚିତ୍ର, ଇତ୍ୟାଦି ସୃଜନୀରେ ସଦା ବ୍ୟସ୍ତ ଓ ପ୍ରବୀଣ । ତାଙ୍କର ବି ଆଭିମୁଖ୍ୟ ଓ ଦର୍ଶନ ଅଛି । ବିଶ୍ୱଯାକର ଲୋକ, ଏକା ସାଙ୍ଗରେ ଶାନ୍ତିରେ ଶୋଇବା, ଶାନ୍ତିରେ ଉଠିବା, ପୁଷ୍ଟିକର ଖାଇବା, ଭଲରେ ବାସଗୃହ ପାଇବା, ବଂଚିବା,ଦୀର୍ଘାୟୁ ହେବା ଓ ଶାନ୍ତିରେ ମାରିବା ' ଉଟୋପିଆ ' ହୋଇ ପାରେ, କିନ୍ତୁ ଏହା ସମସ୍ତଙ୍କ ଲକ୍ଷ । କିନ୍ତୁ ବିନା କ୍ଷମା ଦେଇ ଯୋଡିବା ସମ୍ଭବ ନୁହେଁ । କ୍ଷମା, ବିଶ୍ୱବ୍ୟାପୀ ସମସ୍ତଙ୍କ ପାଇଁ ଶାନ୍ତିର ବିକଳ୍ପ ନୁହେଁ । ରାଷ୍ଟ୍ର, ଦେଶ, ସମାଜ, ଧର୍ମ, ଦଳ, ସମୂହ, ପରିବାର ଇତ୍ୟାଦି ଖଣ୍ଡ ବିଖଣ୍ଡିତ । ଯେହେତୁ ଆମେ ପ୍ରତ୍ୟେକ ଜାଆଁଳା ହୋଇ ବି ଭିନ୍ନ । ବଂଚିବାର ସ୍ୱାର୍ଥ, ନିଜର ସର୍ବଶ୍ରେଷ୍ଠ ସ୍ୱାର୍ଥ ଜୀବନକୁ ସମସ୍ତେ ଜଳାଞ୍ଜଳି ଦେଇ ପାରନ୍ତି ନାହିଁ । ମାଁ ବି ନିଜ ସ୍ୱତ୍ୱକୁ ସବୁବେଳେ ଜନନୀ ହୋଇ ସନ୍ତାନମାନଙ୍କୁ ଜଳାଞ୍ଜଳି ଦେଇପାରେ ନାହିଁ । ଶେଷ କଥା, ଦୁଇ ବା ତତୋଧିକଙ୍କୁ ଯୋଡିବା ଏହା ଏକ ପରମାର୍ଥିକ ଚିନ୍ତା ନୁହେଁ ଏହା ଈଶ୍ୱରୀକ ସ୍ୱାର୍ଥ ଓ ମାନବିକ ସ୍ୱାର୍ଥ । ବିବାହ ଏକ ସ୍ୱାର୍ଥ । କିନ୍ତୁ ବିବାହ ବି ଭାଙ୍ଗେ କ୍ଷମା ନ ଦେବା ଯୋଗୁଁ ଓ ପରିପୂରକ ନ ହେବା ଯୋଗୁଁ । ବିଶ୍ୱରେ ଖାଦ୍ୟ, ବସ୍ତ୍ର, ପାନୀୟ, ବାୟୁ, ବାସଗୃହ ଓ ସ୍ଥାନ କେବଳ ନୁହେଁ, ବଂଚିବାର ସବୁ ଉପାୟ ଓ ସାମଗ୍ରୀ ଏକାକୀ ତିଆରି ଓ ଯୋଗାଡ କରିହୁଏ ନାହିଁ । ଏସବୁ ଆମେ ଶିଖୁ, ଅନ୍ୟଠୁ ଓ ନିଜଠୁ । ଶିକ୍ଷା ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଭାବରେ ହୁଏ । କିନ୍ତୁ ବଂଚିବା ପାଇଁ କୁଶିକ୍ଷା ଦେବା ଓ ଗ୍ରହଣ କରିବା କି ? ଭାଷା, ଆଳାପ ଓ ପ୍ରଚାର, ସାହିତ୍ୟ, ପୁସ୍ତକ, କଳା, ବିଜ୍ଞାନ, ସିନେମା ଇତ୍ୟାଦି ଦ୍ୱାରା ପ୍ରଭାବିତ । ଏସବୁ ଯୋଡିବା, କ୍ଷମା ଦେବା ଓ ଆପଣାଇ ନେବାର ମାଧ୍ୟମ ଯଦି ନୁହେଁ ତେବେ ତାହା କେବେ ଶିକ୍ଷାର ମାନ୍ୟତା ଇତିହାସ ଦେବ ନାହିଁ । ଇତିହାସ ସତ କହେ, ସତ ଲୁଚି ରହେ ନାହିଁ ।

*ଓକିଲ ସମାଜ ସେବକ*
*ଭବାନୀପଟଣା, କଳାହାଣ୍ଡି*

# ଅଶାନ୍ତ ନେପାଳରୁ ଶିକ୍ଷା

**ସୌମେନ୍ଦ୍ର ଜେନା**

ପଡୋଶୀ ରାଷ୍ଟ୍ର ନେପାଳରେ ଇତିମଧ୍ୟରେ କ୍ଷମତାର ପରିବର୍ତନ ହୋଇଛି । ପରିସ୍ଥିତି ଏପରି ହେଲା ଯେ ପ୍ରଧାନମନ୍ତ୍ରୀଙ୍କୁ ଦେଶଛାଡି ଚାଲିଯିବାକୁ ହେଲା । ଲୋକେ ସରକାରଙ୍କୁ ବାଧ୍ୟକଲେ କ୍ଷମତା ତ୍ୟାଗ କରିବାକୁ । ଯେଉଁ କମ୍ୟୁନିଷ୍ଟ ସରକାର ଦେଶର ରାଜତନ୍ତ୍ର ବିରୁଦ୍ଧରେ ରକ୍ତାକ୍ତ ସଂଘର୍ଷ ମାଧ୍ୟମରେ ଏକଦା କ୍ଷମତାକୁ ଆସିଥିଲେ ହେଲେ ପରବର୍ତୀ କାଳରେ କ'ଣ ହେଲା ଯେ ଲୋକେ ତାଙ୍କର ବିରୋଧୀ ହୋଇଉଠିଲେ,ନିର୍ବାଚିତ ସରକାରକୁ ନିର୍ବାସିତ ହେବାଲାଗି ବାଧ୍ୟ କଲେ । ହିଂସା, ଲୁଟ, ଜଳାପୋଡା,ଅସ୍ଥିରତା ଦ୍ୱାରା ସରକାରକୁ ହଟାଯିବା କେତେଦୂର ଯଥାର୍ଥ, ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଏଡାଇ ଏଭଳି ଶକ୍ତିପ୍ରୟୋଗର ମାର୍ଗକୁ ଆପଣାଇବା ଆଜିର ସମାଜକୁ କିପରି ଆଗକୁ ନେବ ତାହା ବିଚାରର ବିଷୟ।

ନେପାଳ ଏକ ଛୋଟ ରାଷ୍ଟ୍ର, ହିମାଳୟ ପାଦଦେଶରେ ସ୍ଥଳଭାଗ ଘେରା ଅଂଚଳ । କଠିନ ଭୌଗୋଳିକ ପରିବେଶରେ ବଢୁଥିବା ନେପାଳୀ ଲୋକମାନଙ୍କ ଜୀବନ ଯେମିତି କଷ୍ଟକର, ସେମିତି ସରଳ, ବ୍ୟବହାରରେ ଲୋକେ ସହଜ ସତ, କିନ୍ତୁ ନିରକ୍ଷରତା, ଅଭାବ, ଦାରିଦ୍ର୍ୟ ଲୋକଙ୍କ ଜୀବନକୁ ଅଧିକ ଯନ୍ତ୍ରଣାମୟ କରିଛି । ଭୂମିକମ୍ପପ୍ରବଣ ଅଂଚଳରେ ରହିଥିବା ଏହି ରାଷ୍ଟ୍ର ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରିଥାଏ । ତେଣୁ ରୋଜଗାର ସୁଯୋଗ କମ୍‌ଥିବା ଏହି ଦେଶର ଲୋକେ ବାହାରେ ଚାକିରୀ କରିବାକୁ ବାଧ୍ୟ । କିନ୍ତୁ ରାଜନୈତିକ ଦୃଷ୍ଟିକୋଣକୁ ବିଚାର କରି ଲୋକଙ୍କୁ ସମସ୍ୟା ଭିତରକୁ ଠେଲି ଦେଲେ ଅବସ୍ଥା କଣ ହୁଏ ତାହା ଶିକ୍ଷା କରିବା ଆବଶ୍ୟକ ।

ଦେଶରୁ ରାଜତନ୍ତ୍ରକୁ ହଟାଇ ଗଣତନ୍ତ୍ରକୁ ଗ୍ରହଣ କରିବାଲାଗି କମ୍ୟୁନିଷ୍ଟମାନେ ଚୀନର ଆର୍ଥିକ, ସାମରିକ ସହାୟତା ଯୋଗୁ ଦୀର୍ଘଦିନ ଧରି ସଶସ୍ତ୍ର ଆନ୍ଦୋଳନ ଜାରି ରଖିଥିଲେ । ଦେଶରେ ଅଧିକ ଅଶାନ୍ତି, ରକ୍ତପାତ, ହିଂସା, ଗଣହତ୍ୟା ଯେପରି ନହେଉ, ସେ ଦୃଷ୍ଟିରୁ ରାଜପରିବାର କ୍ଷମତାରୁ ଅପସରି ଯାଇଥିଲେ । କିନ୍ତୁ କ୍ଷମତାକୁ ଆସିଥିବା ନବ ଆନ୍ଦୋଳନକାରୀମାନେ ମଧ୍ୟ ନିଜେ ରାଜତନ୍ତ୍ରଠାରୁ ଅଧିକ ଶକ୍ତିଶାଳୀ ହେବା, ଦୁର୍ନୀତିକୁ ପ୍ରଶ୍ରୟ ଦେବା, ସୁବିଧା - ସୁଯୋଗରେ ପ୍ରିୟାପ୍ରୀତି ତୋଷଣକୁ ପ୍ରାଧାନ୍ୟ ଦେବା, ଦେଶର ଆର୍ଥିକ ବିକାଶକୁ ଦୃଷ୍ଟି ନ ନେଇ କ୍ଷମତାରେ ରହିବା ପାଇଁ ଲୋକଙ୍କ ମନରେ ଘୃଣାଭାବ ସୃଷ୍ଟି କରିବା, ନିଜ ଲୋକମାନଙ୍କୁ ନିର୍ମାଣ ଓ ବ୍ୟବସାୟର ଠିକାଦେବା, ରାଜନେତାଙ୍କ ପରିବାରବର୍ଗ ବିଳାସପୂର୍ଣ୍ଣ ଜୀବନକୁ ଗ୍ରହଣ କରିବା ଯୋଗୁ ସାଧାରଣଙ୍କ ମନରେ ରାଜନୈତିକ ବିଧିବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟି କଲା । ଦେଶର ବ୍ୟବସ୍ଥାର ପରିବର୍ତନ ବଦଳରେ ରାଜନେତାମାନେ ଲୋକଙ୍କ ପାଇଁ ସମସ୍ୟା ହେଲେ । କ୍ଷମତା ପାଇଁ ସେମାନଙ୍କ ମଧ୍ୟରେ ବିଭେଦ, କ୍ରମଶଃ ବିଚାରକୁ ଦୁର୍ବଳ କଲା । ଫଳରେ ସଂଖ୍ୟାଧିକ ଦଳ ନିର୍ବାଚନ ପ୍ରକ୍ରିୟାକୁ ଓହ୍ଲାଇଲେ ଏବଂ ଫଳାଫଳ ସବୁବେଳେ ଏପରି ହେଲା ଯେ ମେ□ ସରକାର ହିଁ ଏକମାତ୍ର ବିକଳ୍ପ ବୋଲି ଧରି ନିଆଗଲା । ଏକଦଳର ସରକାର ନହେବା ଯୋଗୁ ସରକାରଗୁଡିକ ବିଗତ ଦିନରେ ଅସ୍ଥିର ହୋଇଛି । ଗତ ୧୭ବର୍ଷରେ ୧୫ଟି ସରକାର କାଠମାଣ୍ଡୁରେ କ୍ଷମତାକୁ ଆସିଛନ୍ତି । ନେତାମାନେ ବିଭ୍ରାନ୍ତ ସୃଷ୍ଟିକାରୀ ମନ୍ତବ୍ୟ ଦେଇ ଲୋକମାନଙ୍କ ଦୃଷ୍ଟିକୁ ଏଡାଇ ନିଜର ଅପାରଗତାକୁ ଲୁଚାଇବାକୁ ଚେଷ୍ଟା କରି ଆସିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଏବଂ ଅନ୍ୟ କମ୍ୟୁନିଷ୍ଟ ନେତାମାନଙ୍କ ବକ୍ତବ୍ୟରେ ଏହା ଲକ୍ଷ୍ୟ କରାଯାଇପାରେ । ଯେମିତି ନେପାଳର ନୂଆ ମାନଚିତ୍ର ପ୍ରକାଶ କରିବା, ସେଥିରେ ଭାରତ -ନେପାଳ ମଧ୍ୟରେ ସୀମା ବିବାଦକୁ ସୃଷ୍ଟିକରିବା ପରି ପ୍ରୟାସ କରିବା, ସୀମାନ୍ତ ବାଣିଜ୍ୟରେ ବାଧାସୃଷ୍ଟି କରିବା, ନେପାଳୀ ଲୋକଙ୍କ ବ୍ରିଟିସ ସେନାବାହିନୀରେ ନିଯୁକ୍ତିକୁ ବିରୋଧ ନଥିବା ସମୟରେ ଭାରତର ସେନାବାହିନୀରେ ନିଯୁକ୍ତିକୁ ବିରୋଧ କରି ଲୋକଙ୍କୁ ରୋଜଗାରରୁ ବଂଚିତ କରିବାପରି ଉଦ୍ୟମ ବିଗତ ଦିନମାନଙ୍କରେ ନେପାଳରେ ହେବା ଆମେ ଦେଖି ଆସିଛୁ । ସୋସିଆଲ ମିଡିଆ ଉପରେ କଟକଣା ଜାରି ହେବାଯୋଗୁ ନେପାଳରେ ଅଶାନ୍ତି ସୃଷ୍ଟି ହେଲାବୋଲି କୁହାଯିବା ଆଂଶିକ ପ୍ରାସଙ୍ଗିକ ହୋଇପାରେ, କିନ୍ତୁ ଏକମାତ୍ର କାରଣ ନୁହେଁ । ପୃଥ୍ୱୀ ନାରାୟଣ ଶାହଙ୍କ ଦ୍ୱାରା ସଂଗଠିତ ରାଷ୍ଟ୍ର ନେପାଳରେ ରାଜତନ୍ତ୍ର ହଟେଇ ଯେଉଁ ମାଓପୁତ୍ରମାନେ ଚୀନର ଅର୍ଥରେ କ୍ଷମତାକୁ ଆସିଲେ ପରେ ସେମାନଙ୍କ ଜୀବନଧାରା ବଦଳିଗଲା । ସର୍ବହରାଙ୍କ ରକ୍ଷାକର୍ତା କହୁଥିବା ବାମପନ୍ଥୀମାନେ ନିଜେ ଶୋଷଣର କେନ୍ଦ୍ର ହେଲେ । ସେମାନଙ୍କ ପିଲେ ବିଦେଶରେ ଅୟସ କଲେ । ପ୍ରଚଣ୍ଡଙ୍କ ଠାରୁ କେପି ଶର୍ମା ଓଲିଙ୍କ ପର୍ଯ୍ୟନ୍ତ, ସବୁ କମ୍ୟୁନିଷ୍ଟ ପ୍ରଧାନମନ୍ତ୍ରୀଙ୍କ ଶାସନରେ ଦୁର୍ନୀତି, ଅବ୍ୟବସ୍ଥା ବ୍ୟାପ୍ତ ରହିଲା । ସାମ୍ବିଧାନିକ ସଂସ୍କାର ପରେ ମଧ୍ୟ ଲୋକେ ବେରୋଜଗାର ରହିଲେ । ଦେଶରେ ପାଣି, ସଡକ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ପରି ସାଧାରଣ ବ୍ୟବସ୍ଥାକୁ ଯୋଗାଇ ଦେବାକୁ ସରକାର ପରେ ସରକାର ସକ୍ଷମ ହେଲେ ନାହିଁ । କମ୍ୟୁନିଷ୍ଟ ସରକାର ଚୀନର ହାତବାରିସୀ ହୋଇ କାର୍ଯ୍ୟ କଲାବେଳେ ଭାରତଠୁ ଦୂରେଇ ରହିଲେ, ଯାହା ବିକାଶର ପରିପନ୍ଥୀ ହେଲା । ବାମପନ୍ଥୀ ସରକାରଗୁଡିକ ଚୀନ ଓ ପାକିସ୍ତାନକୁ ବିଦେଶ ନୀତିରେ ପ୍ରମୁଖ ସ୍ଥାନ ଦେଇ କାଠମାଣ୍ଡୁକୁ ଉଭୟ ରାଷ୍ଟ୍ରର ସକ୍ରିୟ ଗୁପ୍ତଚର ଠିକଣାରେ ପରିଣତ କଲେ । ହିନ୍ଦୁରାଷ୍ଟ୍ରର ମାନ୍ୟତାକୁ ହରାଇ ଦେବାପରେ ଦେଶରେ ବ୍ୟାପକ ଧର୍ମାନ୍ତରଣ, ଅନୁପ୍ରବେଶକାରୀଙ୍କ ଆଗମନ ହେଲା, ଯାହା ସ୍ଥାନୀୟ ଜନସଂଖ୍ୟାକୁ ଗୋଳମାଳକଲା । ବିଗତ ଦିନମାନଙ୍କରେ ସେହି ସମସ୍ୟା ସମସ୍ତେ ଦେଖିଛନ୍ତି । ନିଶା କାରବାର, ଜାଲନୋଟ କାରବାର, ହାୱାଲା ଦେଣନେଣ, ସନ୍ତ୍ରାସବାଦୀ ଷଡଯନ୍ତ୍ର, ଅପରାଧୀଙ୍କ ଆଡ୍ଡା ସ୍ଥଳୀ ଭାବେ କାଠମାଣ୍ଡୁକୁ ବ୍ୟବହାର କରାଗଲା । ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ଦୈନନ୍ଦିନ ଖର୍ଚ୍ଚ ଏତେ ବଢିଗଲା ଯେ ଲୋକେ ମହାନଗରୀଗୁଡିକ ପରି ଆବଶ୍ୟକତାରୁ ଅଧିକ ସମୟ କାର୍ଯ୍ୟ କରିବାକୁ ବାଧ୍ୟ ହେଲେ । ବେରୋଜଗାରୀ ଯୋଗୁ ରୁଷିଆ ସେନା ପାଇଁ ଯୁଦ୍ଧ କରିବାକୁ ନେପାଳୀ ଯୁବକ ସାମିଲ ହେଲେ । ସାରା ବିଶ୍ୱକୁ ଶସ୍ତା ଶ୍ରମିକ ଭାବେ ଯାତ୍ରା କଲେ । ଚୀନ ଓ ଭାରତ ପରି ଦୁଇଟି ବଡ ଦେଶ ସହ ସଂପର୍କ ରଖିଥିବା ନେପାଳ ଯେପରି ବିକଶିତ ହେବାକଥା ତାହା ହେଲାନାହିଁ । ଏହାର ସୁଯୋଗ ବଲେନ ଶାହଙ୍କ ପରି କାଠମାଣ୍ଡୁର ମେୟର ହାତକୁ ନେଲେ । ବଲିଉଡ ସିନେମାକୁ ସେ ବିରୋଧ କରିବା ସହ ପାକ୍ ବିରୋଧୀ ବିଷୟ ସ୍ଥାନ ପାଉଥିବା ଅଭିଯୋଗ କଲେ । ବଲେନ ନିଜେ ଆନ୍ଦୋଳନରେ ସିଧା ସାମିଲ ନହୋଇ ପଛରେ ସଂଗଠକ ରହିଲେ,ସମର୍ଥନ ଓ ଅର୍ଥ ଯୋଗାଇଦେଲେ । ଏକଦା ରାପରଥିବା ବଲେନଙ୍କ ପାଇଁ ଡୋନାଲଡ ଲୁ ୨୦୨୨-୨୪ ମଧ୍ୟରେ ତିନିଥର ପାଇଁ ନେପାଳ ଗସ୍ତରେ ଆସିଥିଲେ । ନିର୍ବାଚିତ ସରକାରକୁ ପାକ୍ ଓ ବଙ୍ଗଳାଦେଶରେ ଡୋନାଲଡ ଲୁ ହଟାଇବାକୁ ସକ୍ଷମ ହୋଇଥିଲେ । ନେପାଳରେ ମଧ୍ୟ ତାଙ୍କ ପ୍ରୟାସ ଏବେ ଫଳବତୀ ହୋଇଥିବା କଥା କୁହାଯାଉଛି । କାରଣ ପୂର୍ବରୁ ନେପାଳର ସେନା ଦର୍ଲ୍ଲବାର ନାରାୟଣଥାନରେ ଚଢାଉକରି ଆମେରିକା ଅସ୍ତ୍ରଶସ୍ତ୍ର ଏବଂ ଡଲାର ଜବତ କରିଥିଲେ । ଦେଶର ସମବାୟ ଦୁର୍ନୀତି ଏବେ ବିଷୟ ହୋଇଛି । ଦେଶରେ ପ୍ରାୟ ୩୦ହଜାର ପଞ୍ଜିକୃତ ସମବାୟ ସମିତିରେ ୭୦ଲକ୍ଷ ସଦସ୍ୟ ରହିଛନ୍ତି । ସେପ୍ଟେମ୍ବର ୨୦୨୪ରେ ଧୋରପଟନ ମ୍ୟୁନିସପାଲିଟୀର ପୂର୍ବତନ ମେୟର ଦେବକୁମାର ନେପାଳିଙ୍କୁ ନୂଆଦିଲ୍ଲୀଠାରୁ ଗିରଫ କରାଯାଇ ନେପାଳକୁ ପ୍ରତ୍ୟର୍ପିତ କରାଯାଇଥିଲା । ସେ ଅଧ୍ୟକ୍ଷ ଥିବା ସୋସାଇଟୀ ମାଧ୍ୟମରେ ୨.୨୫ ବିଲିଅନ ନେପାଳି ମୁଦ୍ରା ଠକି ନେଇଥିବା ଜଣାଯାଏ । ଅନ୍ୟଜଣେ ବ୍ୟବସାୟୀ ଦୀପକ ମାନାଙ୍ଗେ ଓରିଏ□ାଲ କୋ-ଅପରେଟିଭ ନାମରେ ୬ ବିଲିଅନ ନେପାଳି ମୁଦ୍ରା ନିବେଶଙ୍କଠାରୁ ଠକି ନେଇଥିଲେ । କାଠମାଣ୍ଡୁ, ପୋଖରା, ବୁଟୱାଲ ପରି ସ୍ଥାନରେ ଏଭଳି ଅନେକ ଦୁର୍ନୀତି ଅଭିଯୋଗ ଦୃଷ୍ଟିକୁ ଆସିଥିଲା । ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସଭାପତି ତଥା ନେପାଳର ପୂର୍ବତନ ଗୃହମନ୍ତ୍ରୀ ରବି ଲାମିଛାନେ ଗୋର୍ଖା ମେଡିଆ ନେଟୱାର୍କର ନିର୍ଦ୍ଦେଶକ ରହି ସ୍ୱର୍ଣ୍ଣଲକ୍ଷ୍ମୀ ସୂର୍ଯ୍ୟଦର୍ଶନ ଏବଂ ସୁପ୍ରିମ କୋ-ଅପରେଟିଭର ଅର୍ଥ ଆତ୍ମସାତ କରିଥିବା ଯୋଗୁ ଜେଲ ଯାଇଥିଲେ । ଅନ୍ୟ ଜଣେ ନେତା ନେପାଳି କଂଗ୍ରେସର ଉପାଧ୍ୟକ୍ଷ ଧନରାଜ ଗୁରୁଙ୍ଗ ମିତେରି ସେଭିଂସ ଏଣ୍ଡ କ୍ରେଡିଟିଂ କୋ-ଅପରେଟିଭ ମାଧ୍ୟମରେ ଦୁର୍ନୀତି କରିଥିବା ଅଭିଯୋଗ ଆସିଥିଲା । ତାଙ୍କର ପୂର୍ବତନ ପତ୍ନୀ ଜ୍ୟୋତି ଗୁରୁଙ୍ଗ ଏହି ମାମଲାରେ ଆଜି ପର୍ଯ୍ୟନ୍ତ ପଳାତକ ରହିଛନ୍ତି । କୃଷ୍ଣସାର ରିସୋର୍ଟରେ ବେଆଇନ ଭାବେ ସମବାୟ ଅର୍ଥକୁ ଉପଯୋଗ କରିଥିବା ଅଭିଯୋଗ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ସାଂସଦ ଓ ସଦସ୍ୟା ଗୀତା ବସନେତଙ୍କ ବିରୁଦ୍ଧରେ ରହିଛି । ସିପିଏନ୍-ୟୁଏମ୍ଏଲର ପୂର୍ବତନ ସାଂସଦ ଇଛାରାଜ ତମାଙ୍ଗ ୮ ବିଲିଅନ ନେପାଳି ଟଙ୍କା ଆତ୍ମସାତ କରିବାରୁ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏମାନଙ୍କ ଛଡା ସମବାୟ ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଗୀତେନ୍ଦ୍ର ବାବୁରାୟ, କୁମାର ରାମତେଲ, ଛବିଲାଲ ଯୋଷୀ, କେଦାରନାଥ ଶର୍ମା, ଚନ୍ଦ୍ର ବାହାଦୁର ଲାମା, କୃଷ୍ଣ ବାହାଦୂର ଉପ୍ରେତି, ରମଣ ପୌଡେଲ, ଅଜୟ ଶ୍ରେଷ୍ଠ, ଶଙ୍କର କାର୍କି, ସୁନ୍ଦରମଣି ପୌଡେଲ, ମୁନୁନାମ ସୁବା, ଗୀତା ଶର୍ମା, ତେଜ ବିକ୍ରମ ଥାପା, ଲୀଳା ବାହାଦୂର ଗୁରୁଙ୍ଗ, ରବୀନ୍ଦ୍ର ଘୈଲଗାଇ, ଦଳ ବାହାଦୂର ଅଲେ, ଶିବକୁମାର ଗୁରୁଙ୍ଗ, ଭବିଷ୍ୟର ଅର୍ଯ୍ୟାଲ, ରାମବାହାଦୂର ଖନାଲଙ୍କ ବିରୋଧରେ ସମବାୟ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଏମାନଙ୍କ ଭିତରୁ କେତେକଙ୍କୁ ଜେଲଦଣ୍ଡ ମଧ୍ୟ ମିଳିଛି । ନେପାଳର ସରକାରୀ ଅଧିକାରୀ, ନେତା, ସେମାନଙ୍କ ପରିବାରଙ୍କ ସଂପତି ବଢିଛି । ଲୋକ କଷ୍ଟରେ ଥିବା ବେଳେ ପ୍ରତିଷ୍ଠିତ ଲୋକେ ମଉଜରେ ବ୍ୟସ୍ତ । ଏସବୁ ଲୋକଙ୍କ ମନରେ ଅସନ୍ତୋଷକୁ ପୁଞ୍ଜିଭୁତ କରି ରଖିଥିଲା ଯାହା ବିସ୍ଫୋରଣର ଅପେକ୍ଷାରେ ରହିଥିଲା । ଚୀନର ସୋସିଆଲ ମିଡିଆ ଉପରେ କଟକଣା ନଥିଲା ବେଳେ ଅନ୍ୟସବୁ ସୋସିଆଲ ମିଡିଆ ଆକାଉ□ ପଞ୍ଜିକୃତ କରିବାକୁ କୁହାଯାଇ କୋର୍ଟଙ୍କ ଆଦେଶ ବଳରେ ସେସବୁକୁ ବନ୍ଦ କରାଗଲା । ଦିନକୁ ସାତ ଆଠଘ□ାକାଳ ସୋସିଆଲ ମିଡିଆ ଭିତରେ ବୁଡି ରହିଥିବା ଯୁବଗୋଷ୍ଠୀ, ଜୀବନଠାରୁ ମୋବାଇଲକୁ ଭଲପାଉଥିବା ଲୋକେ, ଫଟୋ ଉଠାଇବାକୁ ମୃତ୍ୟୁକୁ ମଧ୍ୟ ଭୟ କରୁନଥିବା, ଦୁର୍ଘଟଣାର ଶିକାର ହେଉଥିବା ଲୋକେ ଏ ପ୍ରକାର କଟକଣା ଯୋଗୁ ବିଚଳିତ ହେବା ସ୍ୱାଭାବିକ । ତେଣୁ ସେମାନେ ବିକ୍ଷୋଭ କଲେ । କିନ୍ତୁ ସରକାର ଏହାକୁ ଠିକଣା ଭାବରେ ପରିଚାଳନା ନକରି ଗୁଳିଚାଳନା ନିର୍ଦ୍ଦେଶ ଦେବା ଯୋଗୁ ବିକ୍ଷୁବ୍ଧ ଯୁବଗୋଷ୍ଠୀ ସାଂସଦ, ହାଇକୋର୍ଟ, ମନ୍ତ୍ରୀଙ୍କ ଘର ଆଦିରେ ନିଆଁଲଗାଇ ଦେଲେ । ଏହି ହିଂସାକାଣ୍ଡରେ ୭୨ଜଣଙ୍କ ମୃତ୍ୟୁ ହୋଇଥିବା ସମୟରେ ବହୁସଂଖ୍ୟାରେ ଲୋକେ ଆହତ ହୋଇଥିବା ଜଣାପଡିଛି । କାଠମାଣ୍ଡୁ ସହରରେ ନାହିଁ ନଥିବା କ୍ଷୟକ୍ଷତି ଘଟିଛି । ୧୩ ଫେବୃଆରୀ ୧୯୯୬ରେ ସିପିଏନ-ମାଓବାଦୀ ପକ୍ଷରୁ ରାଜତନ୍ତ୍ରକୁ ହଟାଇ ଯେପରି ଗଣତନ୍ତ୍ର ସ୍ଥାପନ ପାଇଁ ହିଂସ୍ର ଆହ୍ୱାନ ଦିଆଯାଇଥିଲା ଠିକ୍ ସେମିତି କମ୍ୟୁନିଷ୍ଟ ସରକାରକୁ ହଟାଇବା ପାଇଁ ସମାନ ଢଙ୍ଗରେ ଲୋକେ ବିଦ୍ରୋହ କଲେ । ଏହା ପଛରେ ବିଦେଶୀଶକ୍ତି ରହିଥିବା କଥା କୁହାଯାଉଛି । ଆମେରିକାର ସିଆଇଏ ସଂସ୍ଥା ଅତୀତରେ ପ୍ରାୟ ଏହିଭଳି ଢଙ୍ଗରେ ୬୦ଟି ଦେଶରେ କ୍ଷମତାର ପରିବ□ନ କରିବାକୁ ସକ୍ଷମ ହୋଇଛି । ବିଗତ ଦିନରେ ଆମେରିକାକୁ ନେପାଳ ସରକାରଙ୍କ ବିରୋଧ ଯୋଗୁ 'ଡିପ୍‌ଷ୍ଟେଟ' ଗୋଷ୍ଠୀ ସକ୍ରିୟ ହୋଇଥିବେ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆରବଠାରୁ ବଙ୍ଗଳାଦେଶ, ଶ୍ରୀଲଙ୍କା, ଫ୍ରାନ୍ସ, ବ୍ରିଟେନ ଆଦି ଅନେକ ରାଷ୍ଟ୍ରରେ ଯେପରି ହିଂସାମୁଖୀ ପ୍ରତିବାଦ ହେଉଛି ତା'ପଛରେ ସ୍ଥାନୀୟ କାରଣ ରହିଛି । ଦେଶର ସରକାର ସୁଯୋଗ ଦେଲେ ବାହାର ଲୋକେ ସେଥିରେ ଖେଳ କରିବେ । ତେଣୁ ସରକାର ଯଦି ଦାୟିତ୍ୱବାନ, ଭରସାଯୋଗ୍ୟ, ସ୍ୱଚ୍ଛ ପ୍ରଶାସନ ଦେବାକୁ ଉଦ୍ୟମ କରନ୍ତି ତେବେ ଏପରି ସଂକଟକୁ ଏଡାଯାଇପାରିବ । ନେପାଳରେ କମଳା କାର୍କିଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠିତ ହୋଇଛି । ଆଭ୍ୟନ୍ତରୀଣ ସୁରକ୍ଷା ଓ ଲୋକଇଚ୍ଛାକୁ ଗୁରୁତ୍ୱ ଦେଇ ଏହି ସରକାର ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକରି ଲୋକଙ୍କ ନିକଟରେ ଭରସାଯୋଗ୍ୟ ହେବା ଆବଶ୍ୟକ । ନଚେତ୍ ଓଲିଙ୍କ ପରି ଭୟରେ ହେଲିକପ୍ଟର ଯୋଗେ ରାଜଧାନୀ ଛାଡି ବାହାରି ଯିବାକୁ ହେବ । ଦେଶରୁ ବେରୋଜଗାରୀ, ଦାରିଦ୍ର୍ୟ, ନିରକ୍ଷରତା, ସ୍ୱାସ୍ଥ୍ୟ ସେବା, ଯୋଗାଯୋଗ ପାଇଁ ନିରନ୍ତର ଦୃଷ୍ଟି ଦେଇ କାର୍ଯ୍ୟକରିବା ଆବଶ୍ୟକ । ଲୋକଙ୍କ ସୁଖ ସୁବିଧାକୁ ଲକ୍ଷ୍ୟରଖି ସରକାର ସମର୍ପିତ ମନରେ କାର୍ଯ୍ୟକଲେ ସଫଳ ହେବେ, ନେପାଳର ଅଶାନ୍ତିରୁ ଏହି ଶିକ୍ଷା ମିଳିଛି ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜର୍ଜ ତିର୍କୀଙ୍କ ବିୟୋଗ ଓଡିଶାର ରାଜନୈତିକ ଦୃଶ୍ୟପଟ ପାଇଁ ପ୍ରକୃତରେ ଏକ ଅପୂରଣୀୟ କ୍ଷତି । ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ, ସେ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ ଛାପ ଛାଡିଯାଇଛନ୍ତି । ଆଦିବାସୀ ଅଧିକାର, ଶ୍ରମିକ କଲ୍ୟାଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ତାଙ୍କର ଉତ୍ସର୍ଗୀକୃତତା ଅନେକଙ୍କୁ ପ୍ରେରଣା ଦେଇଛି । ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ତାଙ୍କ ସହକର୍ମୀ, ବନ୍ଧୁ ଏବଂ ସେ ଯେଉଁମାନଙ୍କର ସେବା କରିଥିଲେ ସେମାନେ ଗଭୀର ଭାବରେ ଅନୁଭବ କରିବେ । ଶ୍ରଦ୍ଧାଞ୍ଜଳି ଏବଂ ସମବେଦନା - ସହକର୍ମୀ ଏବଂ ନେତା : ରାଜନେତା, ସାମାଜିକ କର୍ମୀ ଏବଂ ସମ୍ପ୍ରଦାୟ ନେତାଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଓଡିଶାର ରାଜନୀତି ଏବଂ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ୱୀକାର କରିଛନ୍ତି । ସମ୍ପ୍ରଦାୟ : ବିଶେଷକରି ଆଦିବାସୀ ସମ୍ପ୍ରଦାୟ ଜଣେ ଚାମ୍ପିଅନକୁ ହରାଇଛି ଯିଏ ସେମାନଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଅକ୍ଲାନ୍ତ ଲଢିଥିଲେ । ତାଙ୍କର ଐତିହ୍ୟ ଭବିଷ୍ୟତ ପିଢିର ନେତା ଏବଂ କର୍ମୀଙ୍କୁ ପ୍ରେରଣା ଯୋଗାଇବ । ଐତିହ୍ୟ ବଂଚି ରହିଛି - ରୋହିତ ଜୋସେଫ ତିର୍କୀ : ଜର୍ଜ ତିର୍କୀଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ଜର୍ଜ ତିର୍କୀଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବୀରମିତ୍ରପୁରର ବିଜେଡି ବିଧାୟକ ଭାବରେ ତାଙ୍କର ତାଙ୍କ ପିତାଙ୍କ ଐତିହ୍ୟକୁ ଆଗକୁ ବହନ କରୁଛନ୍ତି । ସେ ତାଙ୍କ ପିତାଙ୍କ କାର୍ଯ୍ୟ ଜାରି ରଖିବା ଏବଂ ଆଦିବାସୀ କଲ୍ୟାଣ ଏବଂ ସମ୍ପ୍ରଦାୟ ବିକାଶ ପାଇଁ ତାଙ୍କ ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରତିବଦ୍ଧ । ସମ୍ପ୍ରଦାୟ ସଶକ୍ତିକରଣ : ସମ୍ପ୍ରଦାୟ ସଶକ୍ତିକରଣ ଏବଂ ଆଦିବାସୀ ଅଧିକାର ପାଇଁ ଜର୍ଜ ତିର୍କୀଙ୍କ ଅବଦାନ ଅନ୍ୟମାନଙ୍କୁ ସମାନ କାରଣ ପାଇଁ କାମ କରିବାକୁ ପ୍ରେରଣା ଏବଂ ପ୍ରେରଣା ଯୋଗାଇବ । ତାଙ୍କର ଐତିହ୍ୟ ସମର୍ପିତ ନେତୃତ୍ୱ ଏବଂ ସମ୍ପ୍ରଦାୟ ସେବାର ଗୁରୁତ୍ୱକୁ ସ୍ମରଣ କରାଇଥାଏ । ଜର୍ଜ ତିର୍କୀଙ୍କ ପରଲୋକ ଓଡିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି, କିନ୍ତୁ ତାଙ୍କ ସ୍ପର୍ଶ କରିଥିବା ଅଗଣିତ ଜୀବନ ଏବଂ ତାଙ୍କ ନେତୃତ୍ୱ ନେଇଥିବା ଆନ୍ଦୋଳନ ମାଧ୍ୟମରେ ତାଙ୍କର ଐତିହ୍ୟ ଅପରିବର୍ତନୀୟ ରହିବ । ଜର୍ଜ ତିର୍କୀ ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ଓଡିଶା ବିଧାୟକ ଥିଲେ ଯିଏ ରାଜ୍ୟ ରାଜନୀତିରେ ଏକ ଅମିଟ ଛାପ ଛାଡିଥିଲେ । ତାଙ୍କର ରାଜନୈତିକ କ୍ୟାରିଅର ତିନି ଦଶନ୍ଧି ଧରି ବ୍ୟାପିଥିଲା, ଏହି ସମୟ ମଧ୍ୟରେ ସେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରିଥିଲେ । ତାଙ୍କ ରାଜନୈତିକ ଯାତ୍ରାର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି । ନିର୍ବାଚନୀ ବିଜୟ - ତିର୍କୀ ୧୯୯୫ ଏବଂ ୨୦୦୦ ମସିହାରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଝୈଗଗ) ଟିକେଟରେ, ୨୦୦୯ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଏବଂ ୨୦୧୪ ମସିହାରେ ସମତା କ୍ରାନ୍ତି ଦଳ ଟିକେଟରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ଦଳୀୟ ସମ୍ପର୍କ - ସେ ଝାଡଖଣ୍ଡ, ସମତା ଦଳ ଟିକେଟରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ । ଦଳୀୟ ସମ୍ପର୍କ-ସେ ଝାଡଖଣ୍ଡ ସମତା କ୍ରାନ୍ତି ଦଳ ଏବଂ ଭାରତୀୟ ଜାତୀୟ କଂଗ୍ରେସ ସମେତ ବିଭିନ୍ନ ଦଳ ସହିତ ଜଡିତ ଥିଲେ । ୨୦୦୨ ମସିହାରେ ସେ ବିଜୁ ଜନତା ଦଳ(ଈଔଡ) ରେ ଯୋଗ ଦେଇଥିଲେ କିନ୍ତୁ ୨୦୦୬ ମସିହାରେ ଇସ୍ତଫା ଦେଇଥିଲେ । ନେତୃତ୍ୱ ଭୂମିକା - ତିର୍କୀ ଝାଡଖଣ୍ଡ ସୁନ୍ଦରଗଡ ସମ୍ବଲପୁର ଜିଲ୍ଲା କମିଟିର ସମ୍ପାଦକ, ଝାଡଖଣ୍ଡ ଓଡିଶା ରାଜ୍ୟର ସାଧାରଣ ସମ୍ପାଦକ ଏବଂ ଝାଡଖଣ୍ଡ କେନ୍ଦ୍ରୀୟ କମିଟିର ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ । ଓକିଲ - ସେ ଆଦିବାସୀ ଅଧିକାର, ବିଶେଷ କରି ଭୂମି ଏବଂ ଜୀବିକା ନିର୍ବାହ ପ୍ରସଙ୍ଗ ପାଇଁ ଜଣେ ପ୍ରଚଣ୍ଡ ପ୍ରବକ୍ତା ଥିଲେ ତିର୍କୀ ଆଦିବାସୀ ଜନସଂଖ୍ୟାର ସ୍ୱାର୍ଥ ରକ୍ଷା ପାଇଁ ଅକ୍ଲାନ୍ତ ଭାବରେ କାର୍ଯ୍ୟ କରିଥିଲେ ଏବଂ ଶୋଷଣ ବିରୁଦ୍ଧରେ ଲଢିଥିଲେ । ଉତ୍ପତି - ତାଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବୀରମିତ୍ରପୁରର ବିଜେଡି ବିଧାୟକ ଭାବରେ ତାଙ୍କର ଐତିହ୍ୟକୁ ଜାରି ରଖିଛନ୍ତି । ଜର୍ଜ ତିର୍କୀଙ୍କ ପରଲୋକ ଓଡିଶାରେ ଆଦିବାସୀ ରାନୀତିରେ ଏକ ଯୁଗର ଅନ୍ତ ଘଟାଇଛି, ନେତୃତ୍ୱ ଏବଂ ସମ୍ପ୍ରଦାୟ ସଶକ୍ତିକରଣର ଏକ ଐତିହ୍ୟ ଛାଡିଯାଇଛି । ଓଡିଶାର ରାଜନୀତି ଏବଂ ସମାଜ ପଇଁ ଜର୍ଜ ତିର୍କୀଙ୍କ ଅବଦାନ ବହୁମୁଖୀ ଏବଂ ସୁଦୂର ପ୍ରସାରୀ । ତାଙ୍କ ଅବଦାନର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି । ଆଦିବାସୀ ଅଧିକାର ଓକିଲାତି - ତିର୍କୀ ଉପେକ୍ଷିତ ଗୋଷ୍ଠୀ ପାଇଁ ଏକ ଶକ୍ତିଶାଳୀ ସ୍ୱର ଥିଲେ, ଆଦିବାସୀ ସମ୍ପ୍ରଦାୟର ଅଧିକାର ଏବଂ କଲ୍ୟାଣ ପାଇଁ ଅକ୍ଲାନ୍ତ ଲଢିଥିଲେ । ସେ ଆଦିବାସୀ ଜନସଂଖ୍ୟାର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଥିଲେ ଏବଂ ଶୋଷଣ ବିରୁଦ୍ଧରେ ଲଢିଥିଲେ । ନେତୃତ୍ୱ ଏବଂ ସମ୍ପ୍ରଦାୟ ସଶକ୍ତିକରଣ : ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ, ତିର୍କୀ ଦଳିତଙ୍କ ପାଇଁ ଜଣେ ଚାମ୍ପିଆନ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ନେତୃତ୍ୱ ଏମଂ ସମ୍ପ୍ରଦାୟ ସଶକ୍ତିକରଣ ପ୍ରୟାସ ଓଡିଶାର ଆଦିବାସୀ ରାଜନୀତି ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇଛି । ରାଜନୈତିକ କ୍ୟାରିଅର : ୧୯୯୫, ୨୦୦୦, ୨୦୦୯ ଏବଂ ୨୦୧୪ରେ ତିର୍କୀଙ୍କ ନିର୍ବାଚନୀ ବିଜୟ ଭୋଟରଙ୍କ ସହ ସଂଯୋଗ ସ୍ଥାପନ ଏବଂ ସେମାନଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିବାର ତାଙ୍କର କ୍ଷମତାକୁ ପ୍ରଦର୍ଶନ କରେ । ସେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଝୈଗଗ) ସମତା କ୍ରାନ୍ତି ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଭିନ୍ନ ମଂଚରେ ନିର୍ବାଚନ ଲଢିଥିଲେ ଏବଂ ଜିତିଥିଲେ । ଶ୍ରମିକ ଅଧିକାର - ଜଣେ ଶ୍ରମିକ ନେତା ଭାବରେ ତିର୍କୀ ଶ୍ରମିକଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ସେମାନଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିଥିଲେ । ଶ୍ରମିକ ଅଧିକାର ପାଇଁ ତାଙ୍କର ଅବଦାନ ଓଡିଶାର ଅନେକ ଶ୍ରମିକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି । ଭବିଷ୍ୟତ ନେତାଙ୍କୁ ପ୍ରେରଣାଦାୟକ : ତିର୍କୀଙ୍କ ଐତିହ୍ୟ ଭବିଷ୍ୟତର ନେତା ଏବଂ କର୍ମୀଙ୍କୁ ପ୍ରେରଣା ଦେଇ ଚାଲିଛି । ତାଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବର୍ତମାନ ବିଜେଡି ଟିକେଟରେ ବୀରମିତ୍ରପୁରରୁ ବିଧାୟକ ଭାବରେ କାର୍ଯ୍ୟ କରୁଛନ୍ତି, ତାଙ୍କ ପିତାଙ୍କ ଐତିହ୍ୟକୁ ଆଗକୁ ବଢାଉଛନ୍ତି । ସାମଗ୍ରିକ ଭାବରେ, ଓଡିଶାର ରାଜନୀତି ଏବଂ ସମାଜ ପାଇଁ ଜର୍ଜ ତିର୍କୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ତାଙ୍କ ଐତିହ୍ୟ ଆଗାମୀ ପିଢି ପର୍ଯ୍ୟନ୍ତ ଅନୁଭବ କରାଯିବ । ଜର୍ଜ ତିର୍କୀଙ୍କ ଚିନ୍ତାଧାରା ଓଡିଶାର ଆଦିବାସୀ ସମ୍ପ୍ରଦାୟର ଅଧିକାର ଏବଂ କଲ୍ୟାଣର ସମର୍ଥନ କରିବା ଚାରିପାଖରେ ଘୁରି ବୁଲୁଛି । ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ ଅକ୍ଲାନ୍ତ ଲଢୁଛନ୍ତି । ତାଙ୍କ ଚିନ୍ତାଧାରାର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି । ପ୍ରତିଷ୍ଠା ବିରୋଧୀ- କେତେକ ସମୟରେ, ତିର୍କୀ ଏକ ପ୍ରତିଷ୍ଠା ବିରୋଧୀ ମନୋଭାବ ଗ୍ରହଣ କରିଛନ୍ତି, ସରକାରଙ୍କ ନୀତି ଏବଂ କାର୍ଯ୍ୟକୁ ସମାଲୋଚନା କରିଛନ୍ତି ଯାହା ସେ ବିଶ୍ୱାସ କରନ୍ତି ଯେ ଆଦିବାସୀ ସମ୍ପ୍ରଦାୟର ସ୍ୱାର୍ଥ ପାଇଁ କ୍ଷତିକାରକ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ଆମେ ଶାନ୍ତି ଚାହୁଁ ଯୁଦ୍ଧ ନୁହେଁ

**ମୌଲାନା ଫଜଲ ହକ ଖାନ୍**

ସେ ଦିନ ଶନିବାର ଥାଏ । ଅଫିସ କାମରେ ଯାଉଥିଲି । ଉଦୁ ଉଦୁଆ ଖରାରେ ମାଷ୍ଟର କ୍ୟାଂଟିନ ଛକରେ ଦେଖିବାକୁ ପାଇଲି ୩୦-୪୦ ଜଣ ପିଲା, ଯୁବକ ଏବଂ ବୃଦ୍ଧ ଶ୍ରେଣୀର ଲୋକମାନେ ହାତରେ ଗୋଟିଏ ଗୋଟିଏ ବ୍ୟାନର ଧରି ନୀରବ ଭାବେ ବିଶ୍ୱକୁ ଏକ ବାର୍ତା ଦେଉଛନ୍ତି । କୁନି କୁନି ଛୁଆମାନେ ହୁଏତ ବ୍ୟାନରରେ ଲେଖା ଯାଇଥିବା ବାର୍ତାକୁ ପଢି ପାରୁ ନଥିବେ ଅବା ବୁଝିପାରୁ ନଥିବେ କିନ୍ତୁ ତାଙ୍କ ଆଖିକୁ ଦେଖିଲେ ସ୍ପଷ୍ଟ ଭାବେ ଜଣା ପଡୁଥିଲା ଯେ ସେମାନଙ୍କ ପାଖେ ସବୁ କିଛି ଥାଇ ମଧ୍ୟ ସେମାନେ ଅସହାୟ । ସେମାନଙ୍କ ଠାରୁ ଅଧିକ କିଛି ଜାଣିବାକୁ ଚେଷ୍ଟ କରିଥିଲି । ଜାଣିବାକୁ ପାଇଲି ଯେ ଏବେ ଯେଉଁ ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ଚାଲିଛି । ଅନ୍ୟ ପକ୍ଷେ ଇସ୍ରାଇଲ ଏବଂ ପାଲେଷ୍ଟାଇନ ମଧ୍ୟରେ ମଧ୍ୟ ଯୁଦ୍ଧ ଚାଲିଛି । ଏ ସବୁ ଯୁଦ୍ଧ ଧିରେ ଧିରେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଗତି କରୁଛି ବୋଲି ଏହି କୁନି କୁନି ପିଲାମାନେ ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଅବଗତ କରାଉଛନ୍ତି । ତାଙ୍କ ଆଖିର ଚାହାଣି କହୁଛି ଯେ ଆମେମାନେ ଦେଶର ଏବଂ ଏ ଧରାପୃଷ୍ଠର ଭବିଷ୍ୟତ । ଆମେ ବଂଚିବାକୁ ଚାହୁଁଛୁ । ଆମକୁ ବଂଚିବାକୁ ଦିଆଯାଉ । ଆମେ ଦେଶ ମାତୃକାର ବିକାଶ, ଉନ୍ନତି ଏବଂ ପ୍ରଗତିରେ ଅଂଟା ଭିଡ଼ି ଛିଡ଼ା ହେବାକୁ ଚାହୁଁଛୁ । ବିଗତ ବର୍ଷମାନରେ ମଣିଷ ଦୁଇ ଦୁଇ ଗୋଟି ବିଶ୍ୱଯୁଦ୍ଧର ବିଭିଷିକା ଦେଖି ସାରିଛି ଏବଂ ତାର କୁପରିଣାମ ଏପର୍ଯ୍ୟନ୍ତ ମଧ୍ୟ ଭୋଗି ଆସୁଛି । ନୀରବତା ସାଜି ଏ କୁନି ପିଲାମାନେ ଆମ ସରକାରଙ୍କୁ ଜଣାଇ ଦେବାକୁ ଚାହୁଁଛନ୍ତି ଯେ ଆମ ଦେଶର ବିକାଶ ଓ ଉନ୍ନତି ପାଇଁ ଆମେ ଜୀବିତ ରହିବାକୁ ଚାହୁଁ । କାରଣ ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ନିଶ୍ଚିତରେ ଆମ ଦେଶର ସାହାଯ୍ୟ ମଧ୍ୟ କେହି ରାଷ୍ଟ୍ର ଲୋଡ଼ିବ । ଅପର ପକ୍ଷ ରାଷ୍ଟ୍ର ଆମ ଦେଶର ମଧ୍ୟ ଶତ୍ରୁ ସାଜିବ । ଆମ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢ଼ିବାକୁ ପଡ଼ିବ । ଭୟାବହ ପରିସ୍ଥିତି ଉପୁଜିବ । ଧ୍ୱଂସ ବିଧ୍ୱଂସର ଆତଙ୍କ ଖେଳିବ । ଆମ ଭବିଷ୍ୟତ ଅନ୍ଧକାର ହୋଇଯିବ । ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ୱାରା ଆମ ପିଢି ଏବଂ ଆଗନ୍ତୁକ ପିଢି ଉପରେ ଏହାର କୁପ୍ରଭାବ ପଡ଼ିବ । ଏପରି ପରିସ୍ଥିତି ଆଗକୁ କିପରି ନଆସୁ ଏବଂ ଆମ ଆଗନ୍ତୁକ ପିଢି କିପରି ବିଶ୍ୱଯୁଦ୍ଧ ନଦେଖୁ । ମାନବ ଜାତି କିପରି ଅଧିକ ଦିନ ତିଷ୍ଠି ରହୁ । ଏପରି ସବୁ ଆନ୍ତର୍ଜାତିକ ସମସ୍ୟା ଓ ତାର ସମାଧାନ ବିଷୟରେ ଏମାନେ ଜନ ସଚେତନ ସୃଷ୍ଟି କରୁଛନ୍ତି । ପଢିବାକୁ ପାଇଲି ଯେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ଭାରତ ପକ୍ଷରୁ ଭାରତର ବିଭିନ୍ନ ସହରରେ "ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ ହେଉ" ବୋଲି ଶାନ୍ତି-ଶୃଙ୍ଖଳା ପ୍ରକ୍ରିୟାରେ ଶାନ୍ତିର ବାର୍ତା ପ୍ରଚାର ଓ ପ୍ରସାର କରାଯାଉଛି । ବିଗତ ଅନେକ ବର୍ଷ ଧରି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ ଦୁନିଆର ମହାଶକ୍ତିଶାଳୀ ମାନଙ୍କୁ ସତର୍କ କରି ଆସୁଛନ୍ତି ଯେ ସେମାନେ ବିଂଶ ଶତାବ୍ଦିରେ ହୋଇଥିବା ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧରୁ ଶିକ୍ଷା ହାସଲ କରିବା ଉଚତି । ଏ ସଂପର୍କରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ ।

ସମୟର ଏହା ଅତ୍ୟନ୍ତ ଆବଶ୍ୟକତା ଯେ ଆଉ ଅଧିକ ଯୁଦ୍ଧ ଓ ରକ୍ତପାତ ନହେଉ । ଏଥି ପ୍ରତି ସମସ୍ତ ପ୍ରକାରର ପ୍ରୟାସ କରିବା ଉଚିତ୍ । ଏବେ ବି ସମୟ ଅଛି, ବିଶ୍ୱ ଧ୍ୱଂସମୁଖରୁ ପଛକୁ ଚାଲିଆସୁ । ସେ କହିଛନ୍ତି ଯେ ମୁଁ ରୁଷ, ନାଟୋ ଏବଂ ସମସ୍ତ ମହାଶକ୍ତିମାନଙ୍କୁ ଦୃଢ ଭାବେ କହିବାକୁ ଚାହୁଁଛି ଯେ ସେମାନେ ନିଜର ସମସ୍ତ ପ୍ରକାରର ପ୍ରୟାସକୁ ମାନବର ବିକାଶ ପାଇଁ କଳହକୁ ସମାପ୍ତ କରି ଏକ କୂଟନୈତିକ ମାଧ୍ୟମରେ ଶାନ୍ତିର ମାର୍ଗକୁ ଅନୁସନ୍ଧାନ କରନ୍ତୁ । ପୁଣି ସେ କୁହନ୍ତି; ଆଜି ଏବଂ ଆଗାମୀରେ ମଧ୍ୟ ବିଶ୍ୱର ମହାଶକ୍ତିମାନେ ଯୁଦ୍ଧ, ରକ୍ତପାତ ଏବଂ ଧ୍ୱଂସଲିଳାର କରାଳରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାନ୍ତୁ । ମହାଶକ୍ତିର ମୁଖ୍ୟମାନେ ଏବଂ ସେମାନଙ୍କର ସରକାର ଏପରି ପଦକ୍ଷେପ ନ ନିଅନ୍ତୁ, ଯାହା ଆମ ପିଲାମାନଙ୍କ ଏବଂ ଆଗନ୍ତୁକ ପିଢିର ଭବିଷ୍ୟତକୁ ଧ୍ୱଂସ କରି ଦେବ । ବରଂ ସେମାନଙ୍କର ପ୍ରତ୍ୟେକ ପ୍ରୟାସ ଏହା ସୁନିଶ୍ଚିତ ହେବା ଉଚିତ୍ ଯେ ଆମେ ଆମର ଆଗାମୀ ପିଢିଙ୍କ ପାଇଁ ଏକ ସୁଖ-ଶାନ୍ତିମୟ ସଂସାର ଛାଡ଼ି ଯିବା ।

ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ କରିବା ଉଚିତ୍ । ମଣିଷକୁ ବ୍ୟକ୍ତିଗତ ଭାବେ ମଧ୍ୟ ଏ ସଂପର୍କରେ ପ୍ରୟାସ କରିବା ଉଚିତ୍ । ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆମକୁ ଏହି ଦଶଗୋଟି ନୀତିଗୁଡ଼ିକୁ ପାଳନ କରିବା ଉଚିତ୍ । ୧.ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ । ୨.ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ । ୩.ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦିଅନ୍ତୁ । ୪.ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ । ୫.ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ । ୬.ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ । ୭.ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ । ୮.ଚରମପନ୍ଥୀ ଦଳକୁ ପ୍ରତିବାଦ କରନ୍ତୁ । ୯.ମାନବ ଜାତିର ସେବା କରନ୍ତୁ । ୧୦.ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ । ଶାନ୍ତି ସ୍ଥାପନା ପାଇଁ ଉକ୍ତ ନୀତିଗୁଡ଼ିକୁ ପ୍ରତ୍ୟେକ ସହରବାସୀଙ୍କୁ ପହଂଚାଇବା ପାଇଁ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି । ଅହମଦୀୟା ମୁସଲିମ ଜମାତ ଏକ ଆଧାତ୍ମିକ ଓ ଧାର୍ମୀକ ସଂଗଠନ । ଯାହାର ଉଦ୍ଦେଶ୍ୟ "ପ୍ରେମ ସଭିଙ୍କ ପାଇଁ - ଘୃଣା କାହାକୁ ନାହିଁ" । ସମଗ୍ର ବିଶ୍ୱ ୨୧ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଶାନ୍ତି ଦିବସ ରୂପେ ପାଳନ କରୁଛି । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଉଦ୍ଦେଶ୍ୟକୁ ନେଇ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପ୍ରୟାସ କରିଚାଲିଛି । ଦେଶର ପ୍ରଗତି ପାଇଁ ସେବା କରି ଆସୁଛି । ଆମେ କାମନା କରୁଛୁ, ବିଶ୍ୱର ମୁଖ୍ୟମାନେ ସମୟର ଗଭିରତାକୁ ବୁଝି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଦାୟିତ୍ୱକୁ ଉତମ ଭାବେ ତୁଲାନ୍ତୁ । ପ୍ରଭୁ ସମସ୍ତ ନିରୀହ ଓ ଅସହାୟ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ । ବିଶ୍ୱରେ ପ୍ରକୃତ ଓ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେଉ । ପ୍ରଭୁ କରନ୍ତୁ କି ଆମ ଦେଶ ତଥା ବିଶ୍ୱ ଶାନ୍ତିମୟ ହେଉ ।॥ ଆମିନ୍ ॥

ମଙ୍ଗଳାବାଗ-କଟକ
ଯୋଗାଯୋଗ:୯୬୯୨୨୨୫୦୫୭




# କୃଷ୍ଣଚୂଡ଼ାର ମହକ


**ସୁଦର୍ଶନ ମହାପାତ୍ର**

ଇଚ୍ଛାପୁର ଷ୍ଟେସନରେ ଟ୍ରେନ ଅଟକିଲା। ଉଜ୍ଜ୍ୱଳ ନାଲି ରଙ୍ଗର ଶାଢ଼ୀରେ ହଳଦିଆ ରଙ୍ଗର ଧଡ଼ି ଉପରେ ଧାରେ ଜରି ପଟି ଏବଂ ତା ସାଙ୍ଗକୁ ମ୍ୟାଚିଂ ହଳଦୀ ରଙ୍ଗର ବ୍ଲାଉଜ୍ ପିନ୍ଧିଥିବା ସୁଶ୍ରୀ ତରୁଣୀଟିଏ, ମୋ ଆଗ ସିଟରେ ଆସି ବସିଲା। ମୋତେ ଲାଗିଲା ସଦ୍ୟ ଫୁଟିଥିବା କୃଷ୍ଣଚୂଡ଼ା ଫୁଲ ପେନ୍ଥାକୁ କିଏ ଆଣି ସଜେଇ ରଖିଦେଲା ମୋ ସାମ୍ନାରେ। କୃଷ୍ଣଚୂଡ଼ା ହିଁ ତ ଏକମାତ୍ର ଫୁଲ ଯିଏ ଏଇ ନିଦାଘରେ ହସିପାରେ ଏବଂ ଜନ ମାନସରେ ପ୍ରଶାନ୍ତି ଭରିପାରେ। ତେଣୁ ମୋତେ କୃଷ୍ଣଚୂଡ଼ା ଫୁଲ ଖୁବ୍ ଭଲ ଲାଗେ।ମୁଁ ବିସ୍ମୟାଭିଭୂତ ହୋଇ ତାକୁ ଚାହିଁ ରହିଲି।

ତା'ର ଆପାଦମସ୍ତକ ଉପରେ ଧୀରେ ଧୀରେ ଘୁରୁଥାଏ ମୋ ଆଖି।ଜଣେ ସଚ୍ଚା ସୌନ୍ଦର୍ଯ୍ୟଗ୍ରାହୀର ମନ ନେଇ ମୁଁ ତାକୁ ଚାହିଁଥିଲି। ମୋ ନଜର ପଡିଲା ତା'ର ଢିଲାରେ ବନ୍ଧା ଯାଇଥିବା ଗହଳ କେଶ ଉପରେ। ଜୁଡ଼ା ବାନ୍ଧିବା ବି ଗୋଟେ ସୂକ୍ଷ୍ମ କଳା, ଏଇ ପ୍ରଥମଥର ଜାଣିଲି। କାନ ପାଖରେ ଦୁଇ କେରା ଅବିନ୍ୟସ୍ତ କେଶ ପବନରେ ଉଡ଼ିଆସି ତା'ର ଗାଲ ଛୁଉଁଥାଏ।ଆକର୍ଷଣର କଣ କୌଣସି ନିୟମ ଅଛି ! କେହି ରୋକି ପାରିବ କାହାକୁ ମୁଗ୍ଧ ଦୃଷ୍ଟିରେ ଚାହିଁବାକୁ..!

ମୋ ସାମ୍ନା ସିଟ୍ ?ରେ କୃଷ୍ଣଚୂଡ଼ା ଫୁଲଟି ସେମିତି ନୀରବରେ ବସିଥିଲା। ସାମଗ୍ରିକ ଭାବେ ଏକ କମନୀୟ ସୁଠାମ ଶରୀରର ଅଧିକାରିଣୀ ଥିଲା ସେ। ଅଧିକ ଗୋରା ନୁହେଁ, ମଧୁର ମିଠା ରଙ୍ଗର ଦେହ ତାର। ଗୋଲାପି ମାର୍ବଲର ଛୋଟ ଏକ ଫଳକ ପରି ତା କପାଳ। ନାକରେ ସେ ପିନ୍ଧିଥିବା ମୋତିର ନୋଜ୍ ପିନ୍ ମୋତେ ସଂସ୍କୃତର ଧାଡ଼ିଟିଏ ମନେ ପକେଇଦେଲା,....ନାସାଗ୍ରେ ନବମୌକ୍ତିକମ୍ ! ମୁଁ ଧୀରେ ଧୀରେ ତା ସୌନ୍ଦର୍ଯ୍ୟର ଉପାସକ ପାଲଟୁଥିଲି। ବାଁ'ପଟ କାନ ତଳକୁ କଳାଜାଇଟିଏ। ନ ଚାହିଲେ ବି ଛାଏଁ ନଜର ଚାଲିଯିବ ସେଇଠିକୁ। ତା'ର ହସନ୍ତ ଓଠ ପାଖରେ ଯେମିତି ଧକ୍କା ଖାଉଥିଲେ ମୋ ନଜରର ଢେଉ। ସେ କିଛି କହିବ କି ମୋତେ, ଯାହା ସେ କାହାକୁ କେବେ କହିନାହିଁ !! ମୁଁ ମନେ ମନେ ଆକଳନ କରୁଥାଏ, କ'ଣ କହିବାକୁ ଚାହିଁବ ସେ ! ଦୁଇ ଆୟତ ଚକ୍ଷୁରେ ଅୟୁତେ ପ୍ରଶ୍ନର କୁହେଳି,କ୍ଷଣିକ ପଲକପାତରେ ଲିଭିଯାଇ ପୁଣି ଉଭାସିତ ହେଉଥାଏ। ମୁଁ ଜଣେ ପ୍ରାଜ୍ଞ ମୁନି ପରି ଧୈର୍ଯ୍ୟ ସହକାରେ ଅପେକ୍ଷା କରୁଥିଲି, ସତେ କେତେବେଳେ ସେ ତା ପ୍ରଶ୍ନଗୁଡ଼ିକୁ ମୋ ଆଗରେ ଉପସ୍ଥାପନ କରିବ।

କିନ୍ତୁ ସେମିତି କିଛି ହେଲା ନାହିଁ। ସେ ସେମିତି ନୀରବ ଥିଲା। କେବଳ ତା ସୌନ୍ଦର୍ଯ୍ୟରେ ବିଭୋର ହେଉଥିଲି ମୁଁ। ଏମିତି ନୁହେଁ କି ସେ ଆଖିବୁଜି ବସିଥିଲା। କେତେଥର ତା ନଜର ସହିତ ଅପ୍ରତ୍ୟାଶିତ ଭାବେ ମୋ ନଜର ମିଶିଯିବା ବେଳେ ଆମେ ଦୁହେଁ ନଜର ଫେରେଇ ନେଇଛୁ ଚୋରଙ୍କ ପରି। ପରସ୍ପରଠାରୁ ଲୁଚେଇବାକୁ ଚେଷ୍ଟା କରି ଧରାପଡ଼ିଛୁ ପରସ୍ପର ଆଗରେ। ସଙ୍ଗେ ସଙ୍ଗେ ସେ ଝରକାପଟକୁ ନଜର ବୁଲେଇ ନେଇଛି। ମୁଁ ତା ଆଖି ଡୋଳାରେ ଦେଖୁଛି, ଝରକା ଆରପଟେ ଅବିଶ୍ରାନ୍ତ ଦୌଡୁଥିବା ବଣପାହାଡ଼, ଗଛଲତା, ନଈନାଳ ଓ କୋଠାବାଡ଼ିର ଚଳମାନ ଚିତ୍ର।

ବେଳେ ବେଳେ ମୋ ଏକତରଫା ଭାବନାର ଲମ୍ଫି ଯାଉଥିବା ଖିଅରେ ମୁଁ ବାଟବଣା ହୋଇ ଯାଉଥାଏ। ଭିତରେ ଭିତରେ ମୁଁ ହସି ପକାଉଥାଏ ନିଜ ମୂର୍ଖତା ପାଇଁ। ପର ମୁହୂର୍ତ୍ତରେ ମୋ ଭିତରେ ଗଭୀର ଆତ୍ମବିଶ୍ୱାସ ତିଆରି ହେଉଥାଏ, ମୋ ପରି ମୂର୍ଖ ହିଁ ପ୍ରେମରେ ପଡ଼େ ? । ହିସାବ ରଖେନା କୂଳକିନାରାର। ଲମ୍ଫ ଦିଏ ଅକାତ ପାଣିରେ ଗଭୀର ବିଶ୍ୱାସର ସହିତ। ଯାହା ଅନୁଚିତ।

ହେଲେ ମୋ ଆତ୍ମବିଶ୍ୱାସର ପ୍ରାଚୀର ଧୀରେ ଧୀରେ ଭାଙ୍ଗି ଚୁନା ଚୁନା ହୋଇଯାଉଥାଏ। ମୁଁ ଜଣେ ଅସାମାନ୍ୟା ସୁନ୍ଦରୀର ସ୍ତାବକ ପାଲଟୁଥାଏ। ଏ ରୂପାନ୍ତରିତ କେବଳ ଗୋଟିଏ ପ୍ରେମିଳ ଆତ୍ମାର ହୋଇପାରେ।

ମୁଁ ପୁଣି ତା ହାତକୁ ଚାହିଁ ଚକିତ ହେଲି, କୋମଳତା ଫୁଟି ଉଠୁଥିଲା ତା ଦୁଇ ହାତରେ। କିଏ ସେ ଭାଗ୍ୟବାନ୍ ବ୍ୟକ୍ତି, ଯିଏ ତା'ର ହାତ ଧରିବ ! ଈର୍ଷାରେ ମୋ ଦେହରେ ତଡ଼ିତ୍ ଖେଳିଗଲା।

ତରୁଣୀଟି ହାତରେ ଗୋଟିଏ ହଳଦୀ ରଙ୍ଗର ବ୍ୟାଗ୍ ଥିଲା। ବ୍ୟାଗ୍ ?ର ଗୋଟିଏ ମୁଣ୍ଡରୁ ଖୋଲା ଜିପ୍ ?ରୁ ଉପରକୁ ବାହାରିଥିଲା ଦୁଇଟି ଦରଫୁଟା ଲାଲ୍ ଗୋଲାପ ସହିତ କିଛି ସତେଜ ପତ୍ର। ମୋ ନଜର ବାରମ୍ବାର ଚାଲି ଯାଉଥାଏ ସେଇ ଫୁଲ ଦୁଇଟି ପାଖକୁ। କାହା ପାଇଁ ଏତେ ଯତ୍ନରେ ସେ ଫୁଲ ଦୁଇଟି ନେଇ ଯାଉଛି ? ପ୍ରେମିକ ପାଇଁ ? କିମ୍ବା ତାକୁ କିଏ ଦେଇଛି ? ଅବା ସେ କାହାର ପ୍ରେମିକା ???

ଓଃ ! କାହା ପାଇଁ ଦୁଇଟି ଲାଲ୍ ଗୋଲାପ...?

ହେଲେ ମୁଁ ଯେ କୃଷ୍ଣଚୂଡ଼ାର ସ୍ତାବକ...!

ମୁଁ ନିଜ ତିଆରି ଜାଲରେ ନିଜେ ଛନ୍ଦି ହୋଇପଡୁଥିଲି। ଇଚ୍ଛା ହେଉଥିଲା ତାକୁ ଏକାନ୍ତରେ ଭେଟି ମୋ ମନରେ ତିଆରି ହେଉଥିବା ସବୁ ପ୍ରଶ୍ନର ଉତ୍ତର ମାଗନ୍ତି। ମନଘୋଡ଼ାର ଗତି ଯେତିକି ତୀବ୍ର ହେଉଥାଏ, ମୁଁ ସେତିକି ଜୋର୍ ?ରେ ଲଗାମ୍ ଟାଣି ଧରୁଥାଏ। ଅଣନିଃଶ୍ୱାସୀ ଲାଗୁଥାଏ ନିଜ ସହିତ ଛକାପଞ୍ଝା ଖେଳୁ ଖେଳୁ।

ପରସ୍ପରର ନଜର ଆଢୁଆଳରେ ଦୁହେଁ ଦୁହିଁଙ୍କୁ ଦେଖିବାର ଏକ ବିଚିତ୍ର ଖେଳ ଜାରି ରହିଥିଲା ଆମ ଭିତରେ। ଏକ ପ୍ରେମିକ ପୁରୁଷର ସତ୍ତା ଜାଗରିତ ହେଉଥିଲା ମୋ ଭିତରେ । ତାକୁ ପଚାରିବାକୁ ମୋ ପାଖରେ ଶହେ ପ୍ରଶ୍ନ ଥିଲା। କିନ୍ତୁ, ପଦଟିଏ ଉଚ୍ଚାରି ପାରୁନଥିଲି । ମୋ ବ୍ୟକ୍ତିତ୍ୱ କିମ୍ବା ପାରିପାର୍ଶ୍ୱିକ ସ୍ଥିତି ମୋତେ ସେତିକି କରିବାକୁ ଦେଉନଥିଲା। ନୀରବରେ କେବଳ ତା'ର ସୌନ୍ଦର୍ଯ୍ୟକୁ ବିଶ୍ଳେଷଣ କରୁଥିଲି।

ହଠାତ୍ ମୋ ମନରେ ଖିଆଲ୍ ଆସିଲା, ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଁ ତା ପଛେ ପଛେ ଯିବି। ନିରାପଦ ଦୂରତାରେ ରହି ତା ଘର ବା ଗନ୍ତବ୍ୟର ଠିକଣା ଖୋଜିବି। ମୋ ହୃଦୟରେ ତିଆରି ହୋଇଥିବା ପ୍ରେମର ଫଲ୍ଗୁକୁ ମୁଁ ହଜିଯିବାକୁ ବା ନିଃଶେଷ ହେଇଯିବାକୁ ଦେବି ନାହିଁ। କେବେ ନା କେବେ ପୁଣି ତାକୁ ଏକାନ୍ତରେ ଭେଟିବାର ସୁଯୋଗ ମିଳିବ ନିଶ୍ଚୟ। ଯଦି ଷ୍ଟେସନ୍ ?ରେ ତା ପରିଜନ ତାକୁ ଅପେକ୍ଷା କରିଥିବେ ! ତେବେ ବି ମୁଁ ଯିବି, ତା ଠିକଣା ପାଇବାକୁ। ଧୀରେ ଧୀରେ ମୋ ମନରେ ଏକ ବିଚିତ୍ର ଆନନ୍ଦର ଲହରି ଖେଳିବାରେ ଲାଗିଲା। ମୁଁ ସ୍ଥିର ହୋଇ ବସିପାରିଲିନି। ତା'ଠାରୁ ଧ୍ୟାନ ହଟେଇବାକୁ ବାହାରକୁ ଚାହିଁଲି। ଟ୍ରେନ୍‌ର ବିକଟାଳ ଶବ୍ଦ ବି ମୋତେ ଏକ ମଧୁର ସଙ୍ଗୀତ ପରି ଲାଗିଲା। ମୋ ଚାରିପଟର ପରିବେଶ ମୋତେ ଆଉ ଅସନ୍ତୁଷ୍ଟ କଲା ନାହିଁ। ମୁଁ ଏକ ସ୍ୱପ୍ନର ଉପବନରେ ତା ସହିତ ଖୁବ୍ ଅନ୍ତରଙ୍ଗ ଭାବେ ବସିଥିବାର ଅନୁଭବ କଲି। ସେଇ ସ୍ୱପ୍ନରେ ଭିଜି ଭିଜି ଅହରହ ପ୍ରେମର ବୀଜ ବୁଣି ଚାଲିଥିଲି । କିନ୍ତୁ, କେତୋଟି ସ୍ୱପ୍ନିଳ ବୀଜର ଅଙ୍କୁରୋଦ୍ଗମ ହୁଏ ! କେଉଁ ଅଙ୍କୁରଣରୁ ଚାରାଗଛ ହୁଏ ! କେଉଁ ଚାରାଗଛ ପ୍ରେମର ବୃକ୍ଷ ପାଲଟେ ! ସହସ୍ରରେ ଏକମାତ୍ର ବୀଜ ବୃକ୍ଷର ରୂପ ନିଏ ଓ ଫଳପ୍ରସୂ ହୁଏ। ଅଥଚ ମାତ୍ର ଘଣ୍ଟାଏ ଭିତରେ ମୋ ସ୍ୱପ୍ନର ବୃକ୍ଷ ଫୁଲଫଳରେ ଭରିଯାଇଛି ! ମଣିଷ ମନର ଗତି କେଡ଼ ? କ୍ଷିପ୍ର ସତେ ! ମୁହୂର୍ତ୍ତକରେ ଆଲୋକବର୍ଷୀୟ ଦୂରତାକୁ ଅତିକ୍ରମି ପାରେ !

ମୋ ଭାବନାର ସ୍ରୋତରେ ବନ୍ଧଟିଏ ପକାଇ ଟ୍ରେନ୍ ?ର ଗତି ଧିମା ହୋଇଗଲା। ଟ୍ରେନ୍ ଟାଣି ହୋଇଗଲା ଜଟଣୀ ଷ୍ଟେସନ୍ ? ଭିତରକୁ। ମୁଁ ସଜାଗ ହୋଇ ବସିଲି। ଆଉ ଅଳ୍ପ ସମୟ ପରେ ଟ୍ରେନ ପହଞ୍ଚିବ ଭୁବନେଶ୍ୱରରେ ଆଉ ମୁଁ କୃଷ୍ଣଚୂଡ଼ାର ଠିକଣା ଅନ୍ୱେଷଣରେ ଯିବି।

ଟ୍ରେନ୍ ଅଳସ ଭାଙ୍ଗି ଛିଡ଼ା ହେଲା ଜଟଣୀ ଜଙ୍କ୍ ?ସନ୍ ?ରେ। ଦଶ ମିନିଟ୍ ରହିବ ଟ୍ରେନ୍ ଏଇଠି। ପ୍ଲାଟଫର୍ମ ରେ ବୃଦ୍ଧା ଜଣେ ବିକ୍ରି କରୁଥିଲେ ମଲ୍ଲୀ ଫୁଲର ଗଜରା।ମୋତେ ଇଚ୍ଛା ହେଉଥିଲା ତା ପାଇଁ ଯାଇ କିଣି ଆଣନ୍ତି କଅଁଳ ପଳାଶ ପତ୍ରରେ ଗୁଡ଼୍ ?ଇ ମଲ୍ଲୀଫୁଲର ଗଜରାଟିଏ। କିଛି ନ କହି ଧୀରେ ବଢେଇ ଦିଅନ୍ତି ତା ହାତକୁ..! ମୋ ଅପରିପକ୍ୱ ଇଚ୍ଛା ଫଳବତୀ ହୋଇ ପାରିଲା ନାହିଁ।କୃଷ୍ଣଚୂଡ଼ା ଉଠିଲା ସିଟ୍ ?ରୁ। ତା ପଛେ ପଛେ ଉଠି ଚାଲିଗଲେ କିଛି ଯାତ୍ରୀ। କିଛି ସମୟ ଆଗରୁ ସେ ଯେମିତି ମେଘଖଣ୍ଡ ପରି ଭାସି ଆସିଥିଲା, ସେମିତି ଭାସି ଚାଲିଗଲା ଡୋର୍ ଆଡ଼କୁ।

ମୁଁ ଅନିୟନ୍ତ୍ରିତ ଭାବେ ତା ପଛେ ପଛେ ଚାଲିଲି। ସେ ଟ୍ରେନ୍ ?ରୁ ଓହ୍ଲେଇ ଗଲାବେଳେ ଥରଟିଏ ବି ବୁଲି ଚାହିଁଲାନି ପଛକୁ। ଘଣ୍ଟାକ ଭିତରେ ତିଆରି ହୋଇଥିବା ସ୍ୱପ୍ନର ଇମାରତ୍ ମୋର ଭାଙ୍ଗି ଚୁର୍ ?ମାର୍ ହୋଇଗଲା।

ମୋତେ ଲାଗିଲା ଜୀବନରେ ଦ୍ୱିତୀୟବାର ଆଉ ତାକୁ ଭେଟିବାର ସୁଯୋଗ ମିଳିବନି। ମୋ ମନ ଭିତରେ କୃଷ୍ଣଚୂଡ଼ା ତା'ର ସୌନ୍ଦର୍ଯ୍ୟ ଛାଡ଼ି ଦେଇଗଲା। ତା ସହିତ ଆତ୍ମିକ ସ୍ତରରେ ଏକପାଖିଆ ଗଢ଼ି ଉଠିଥିବା ପ୍ରେମରେ ବିଚ୍ଛେଦ ମୋ ପାଇଁ ଅସହ୍ୟ ଲାଗିଲା। ସେ ଷ୍ଟେସନ୍ ?ର ଗହଳି ଭିତରେ ହଜିଗଲା। ମୁଁ ନିରାଶ ହୋଇ ଡୋର୍ ପାଖରେ ତା ଯିବା ରାସ୍ତାକୁ ଚାହିଁରହିଲି। ଏମିତି ସ୍ଥିତିରେ ଘଞ୍ଚ ସବୁଜ ବନାନୀ ବି ମରୁଭୂମି ପରି ଲାଗେ। ମୁଁ ଅଣନିଃଶ୍ୱାସୀ ହେବା ପରି ଅନୁଭବ କଲି। ମୋ ଛାତି ରୁନ୍ଧି ହେଇଗଲା। ମୋତେ ଦରକାର ହେଲା ଆଞ୍ଜୁଳାଏ ଖୋଲା ପବନ।

ଟ୍ରେନ୍ ଆଗକୁ ଗଡ଼ିବା ସହିତ ତାକୁ ହରେଇବାର ଦୁଃଖ ତୁହାକୁ ତୁହା ମୋ ମନର ଅନ୍ଦିକନ୍ଦିକୁ ଆକ୍ରାନ୍ତ କଲା। ମୁଁ ଡୋର୍ ପାଖରେ ଗୋଟିଏ ପରାସ୍ତ ସୈନିକ ପରି କିଛି ସମୟ ଛିଡ଼ା ହୋଇ ରହିଲି।ଘଣ୍ଟାଏ ଲେଟ୍ ରେ ଚାଲୁଥିବା ଟ୍ରେନ ଆହୁରି ଟିକିଏ ଲେଟ୍ କାହିଁକି କଲା ନାହିଁ ବୋଲି ଭାବୁଥିଲି।

ହଠାତ୍ ପୁଣିଥରେ ସେଇ କୃଷ୍ଣଚୂଡ଼ାକୁ ଦେଖିଲି। ମୁଁ ନିଜ ଆଖିକୁ ବିଶ୍ୱାସ କରିପାରିଲିନି। ରେଳଧାରଣାର ଅପର ପାର୍ଶ୍ୱରେ ଥିବା ପ୍ଲାଟଫର୍ମରେ ଟ୍ରେନ୍ ର ଗତି ସହିତ ସମାନ୍ତରାଳ ଭାବେ ସେ ଚାଲୁଥିଲା। ଆଶ୍ଚର୍ଯ୍ୟର କଥା ହେଲା, ସେ ଆଉ ଲାଜ କି ସଂକୋଚରେ ନୁହେଁ, ସିଧା ସିଧା ମୋତେ ଚାହୁଁଥିଲା। ପ୍ରେମର, ସମର୍ପଣର ଚିହ୍ନ ସ୍ପଷ୍ଟ ବାରି ହେଉଥିଲା ତା ଆଖିରେ। ମୁଁ ମଧ୍ୟ ଗଭୀର ଆତ୍ମବିଶ୍ୱାସର ସହିତ ତାକୁ ଚାହିଁରହିଲି। ଚାରି ଚକ୍ଷୁର ମିଳନରେ ମୁଁ ଉଲ୍ଲସିତ ହେଲି। ମୋତେ ଲାଗିଲା, ଏବେ ସାରା ସଂସାରର ସୁଖ ମୋତେ ପ୍ରାପ୍ତ ହୋଇଗଲା।

ଟ୍ରେନରୁ ଓହ୍ଲାଇ ଯିବା ମୋ ପକ୍ଷରେ ଆଉ ସମ୍ଭବ ନଥିଲା। ଟ୍ରେନ୍ ?ର ଗତି ସହିତ ତା'ର ଆଉ ମୋ ଭିତରେ ଦୂରତା ବଢ଼ି ବଢ଼ି ଗଲା। ସେ ଗୋଟିଏ ବିନ୍ଦୁ ପରି ପ୍ରତୀୟମାନ ହେବା ପର୍ଯ୍ୟନ୍ତ ମୁଁ ତାକୁ ଚାହିଁରହିଥିଲି। ସେ ଯେଉଁଠୁ ଦୃଶ୍ୟାନ୍ତର ହେଲା ଠିକ୍ ସେଇଠି ରାସ୍ତା ପାର୍ଶ୍ୱରେ କୃଷ୍ଣଚୂଡ଼ା ଫୁଲରେ ଭର୍ତ୍ତି ଗଛଟିଏ ମୋ ନଜରରେ ଆସିଲା।ତୁଚ୍ଛାରେ ମୋତେ ବିରହରେ ମ୍ରିୟମାଣ କରାଇବାକୁ ନିୟତି ର ଏ କାରସାଦି ନିଶ୍ଚୟ !!!

ଆଖି ବୁଜି ନିଜକୁ ପ୍ରକୃତିସ୍ଥ କରିବାକୁ ଚାହିଁଲି।

ଆଖି ବୁଜି ବି ଏବେ ମଧ୍ୟ ଟ୍ରେନ୍ ?ରେ ଆଉ ମୋ ସାମ୍ନା ସିଟ୍ ?ରେ ବସିଥିବାର ମୁଁ ତାକୁ ଦେଖିଲି। କିଛି ଅକୁହା କଥା, ଯାହା ଓଠରୁ ସ୍ଫୁରୁନଥାଏ ତାହା ଆଖି ବଖାଣୁଥିବାର ଦୃଶ୍ୟ ମୋତେ ମୋହିତ କରୁଥିଲା। ସେ କିଛି କହୁନଥିଲା ଅଥଚ ମୁଁ ବୁଝୁଥିଲି। ମୁଁ ବି କହିନଥିଲି ହୁଏତ ସେ ବୁଝୁଥିଲା। ଦୁହେଁ ତଥାପି ଚୁପ୍ ଥିଲୁ।ନୀରବ ସମ୍ଭାଷଣର ସେଇ ପର୍ବରୁ କେବେ ବି ଅଙ୍କୁରାରୋପଣ ହୋଇଯାଇପାରେ। ଏଇ ଆଶାର ଆର୍ଦ୍ରତାରେ ମୁଁ ଭିଜୁଥିଲି।

ଫୋନ୍ ରିଂ ହେଲା ତ ଆଖି ଖୋଲିଲି।ଏଇମାତ୍ର ସ୍ୱପ୍ନ ଦେଖୁଥିବାର କଥା ବୁଝି ପାରିଲି।ମୋ ଆଖପାଖର ସବୁ ସିଟ୍ ଖାଲି ପଡିଥିଲା। ଭୁବନେଶ୍ୱର ଷ୍ଟେସନରେ ପହଞ୍ଚି ଟ୍ରେନ ଛିଡା ହୋଇଥିଲା।ମୋବାଇଲ କୁ ଚାହିଁଲି। ସୁରଭି ଙ୍କ ମିସ୍ କଲ। ମେସେଜ ବି ଆସିଲା କିଛି କ୍ଷଣ ଉତ୍ତାରୁ।

-'କେଉଁଠି ତୁମେ ? ମୁଁ ଏକ ନମ୍ବର ପ୍ଲାଟଫର୍ମ ଏନଟ୍ରାନ୍ସ ପାଖରେ ଠିଆ ହୋଇଛି।'

ସେଇଠୁ ସମ୍ବିତ ଫେରି ପାଇଲି। ତରତର ହୋଇ ଟ୍ରେନ ରୁ ଓହ୍ଲାଇ ଏକ ନମ୍ବର ପ୍ଲାଟଫର୍ମ ଉଦ୍ଦେଶ୍ୟରେ ପାଦ ଆଗକୁ ବଢାଇଲି।ସୁରଭି ଙ୍କ ଭଳି ସର୍ବଗୁଣସମ୍ପନ୍ନା ଦାୟିତ୍ୱବାନ ପତ୍ନୀ ମୋ ପାଇଁ ଷ୍ଟେସନରେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅପେକ୍ଷା କରୁଛନ୍ତି ଜାଣି ମନେ ମନେ ଖୁସି ହେଲି । ନିଜ ଅଜଣାତରେ ମୋ ଓଠରେ ହସ ଧାରେ ଉକୁଟି ଉଠିଲା। ସେତିକିବେଳେକୁ ସାମ୍ନାରେ ପାଇଲି କବରୀରେ କୃଷ୍ଣଚୂଡ଼ା ଫୁଲ ସଜେଇ ହସ ହସ ମୁହଁରେ ଝଟକୁଥିବା ସୁରଭିଙ୍କୁ..!!!

କୁଞ୍ଜବିହାରୀ ଲେନ, କଟକ

## ଅନୁଚିନ୍ତନ

*ରତ୍ନକାନ୍ତି ମିଶ୍ର*



ମୋ ଆକୁଳ ପ୍ରତୀକ୍ଷାର
ଅବ୍ୟବହିତ ପୂର୍ବରୁ
ବିଶ୍ୱାସର ଦୀପଟିଏ ଲିଭିବା ଆଗରୁ
ତୁମ ନୀଳାଭ ଆଭାରେ
ପୋଛି ଦେବ କି ମୋର
ଯେତେ ଅବସୋସ !
ତୁମେ ଆସିବ କି
ମୋ ଭରସା ଉଦଯାପିତ ହେବା
ଆଗରୁ
ହେଉପଛେ ଗୋଧୂଳି ସଞ୍ଜରେ
ଅସ୍ତ ଅରୁଣିମାର ବର୍ଣ୍ଣରାଗରେ
ଦେଦୀପ୍ୟ କରିବ କି
ମୋ ସ୍ୱପ୍ନର ସଳିତା
ଆବୋରି ନେବ କି
ମୋର ସମଗ୍ର ସତ୍ତା
ତୁମର ସେ ନୀଳ ଦ୍ୟୁତିରେ !
ତୁମେ ଆସିବ କି
ଖୋଲିଦେବ ମୋ ହୃଦୟର ରୁଦ୍ଧ ଦ୍ୱାର
ମନ ବାତାୟନ ?
ତୁମ ସନ୍ଦର୍ଶନେ
ହଜାଇଦେବି ମୁଁ
ମୋର ଚିନ୍ତା ଓ ଚେତନା
ନୀଳ ସମ୍ମୋହନରେ !
ତୁମେ ଆସିବ କି
ଭରିଦେବ ଅନ୍ତରରେ
ଏକ ସ୍ନିଗ୍ଧ ସ୍ୱୀକୃତି
ଏକାତ୍ମ ଓ ଏକନିଷ୍ଠତାରେ
ଲଂଘିଯିବି ମୋହବିଷ୍ଟତାକୁ
ଲଭିବି ଚିନ୍ମୟ ଆନନ୍ଦ
ଆଦରିବି ନୀଳ ନିର୍ବାଣକୁ..!!!

*ଆଳି, କେନ୍ଦ୍ରାପଡା*

## ଅଜା

*ଜଗଜୀବନ ସା*



ଶ୍ରାବଣ ନାଇ କି ଆଷାଢ଼ ନାଇ
ଘଡ଼ଘଡି ନାଇ କି ଚଡ଼ଚଡ଼ି ନାଇ
ମାରି ନାଇ ବିଜୁଳି
ଘୋଟି ନ ଥିଲା
କଳାବାଦଲ କି କଳାହାଣ୍ଡିଆ ମେଘ
ତଥାପି ବି
ସୁନିଲ ଆକାଶେ
ଘେରିଗଲା କଳା ଛାଇ
ଦଇବ ଦେଇଗଲା ଦୁଃଖ
ବରଷି ଗଲା ଅଦିନିଆ ବରଷା
ଆଖିରୁ ଝରାଇଲୁ ଲୁହ
ହୃଦୟରେ ବେଦନାର କୁହ
ସୁମ୍ ଶାନ୍ ପଡ଼ିଗଲା ଦୁନିଆଯାକ।
ସୁବାସିତ ଫୁଲ ସବୁ ଝଡିଗଲେ
ଉଡ଼ିଗଲେ କପୋତ
ସନ୍ଧ୍ୟାରାଣୀ ନଇଁ ଗଲେ
ଘୋଟିଗଲା ଅମା ଅନ୍ଧକାର
ଆମେ ସବୁ ହୋଇଗଲୁ ପର
ଆଉ ଆମ ପରିବାର
ଭାଇ, ବନ୍ଧୁ, ସହୋଦର
ଶେଷ ସମୟରେ
କିଛି କହି ନ ପାରି
ଅଚାନକ ଚାଲିଗଲେ
ଆମ ଅଜା କମଳ
ସ୍ମୃତି କିନ୍ତୁ ରହିଗଲା ବାକି
ଖୋଜୁଛି ଏହି ମନ ଦିନରାତି
ହେଲେ କାହିଁ କାହିଁ
ନାଇ ଆଉ ନାଇ
ସିଏ ଆଦରଣୀୟ ପୁରୁଷ
ତାଙ୍କ ଯଶ କୀର୍ତ୍ତି
ଗୁଣ ଗାନ କରେ ଆଜି
ଏଇ ଭିଟାମାଟି
ମାଆ ମାଣିକେଶ୍ୱରୀ ଦେଶ।

*କୁମ୍ଭାରୀ, ଗୋଲାମୁଣ୍ଡା*
*କଳାହାଣ୍ଡି।*

## ଭଗ୍ନାଂଶର ଚାରୁଚିତ୍ର

*ଆଦ୍ୟାଶା ମହାପାତ୍ର*



ଜୀବନର ଯାତ୍ରାପଥରେ
ମନୁଷ୍ୟ ଅନେକ ଥର ଝୁଣ୍ଟିପଡେ
ମନ ଓ ହୃଦୟ ତା'ର
ଭାଙ୍ଗି ପଡେ ନିଃଶବ୍ଦରେ
ହେଲେ ସେଇ ଭାଙ୍ଗିପଡିବାର
ଅନୁଭୂତି ସାଉଁଟି
ନୂତନ ଉର୍ଜ୍ଜା ନୂତନ ଶକ୍ତିରେ
ଉଦବୁଦ୍ଧ ହୋଇ ଉଠି ଠିଆହୁଏ
ସେ ଭାଙ୍ଗି ପଡିଲେ ବି
ପ୍ରତ୍ୟେକ ଭଗ୍ନ ଖଣ୍ଡ
ତା ପାଇଁ ତିଆରେ
ନୂତନ ଉଦ୍ଦେଶ୍ୟ,
ନୂତନ ଅର୍ଥବୋଧ
ଭଗ୍ନ ହୃଦୟର ଛିଦ୍ର ଦେଇ
ତା ଭିତରକୁ ପ୍ରବେଶ କରେ
ନୂତନ ଶକ୍ତି ଓ ବିଶ୍ୱାସର ଆଲୋକ
ନିୟତି ତାକୁ ଶିଖେଇ ଦେଇଥାଏ
ଭାଙ୍ଗିଯିବା ହିଁ ଜୀବନର ପୂର୍ଣ୍ଣତା
ସେ ବୁଝି ଯାଇଥାଏ
ପଥରକୁ ଭାଙ୍ଗି ଭାଙ୍ଗି ହିଁ
ସୁରମ୍ୟ ମୂର୍ତ୍ତିଟିଏ ଉତୁରି ପଡେ
ମାର୍ବଲର ବିଶାଳ ବପୁକୁ ଭାଙ୍ଗି ହିଁ
ତିଆରି ହୁଏ ମୋଜାଇକ ର ଚଟାଣ।
ସଁବାଳୁଆ ହିଁ ଖଣ୍ଡ ବିଖଣ୍ଡିତ ହୁଏ
ଖୋଳପା ଭିତରେ
ଉଦ୍ଦେଶ୍ୟ ତା'ର ମହନୀୟ
ଅବଶେଷରେ ରୂପାନ୍ତରିତ ହୁଏ ସେ
ଚିତ୍ର ବିଚିତ୍ର ପ୍ରଜାପତି ରୂପରେ
ଯିଏ ଯେତିକି ସଫଳ
ସିଏ ସହିଥାଏ ସେତିକି ଝଡ଼
ଶାନ୍ତ ଜଳରାଶି ତିଆରି ପାରେନାହିଁ
ଜଣେ ଦକ୍ଷ ନାବିକ
ଏହା ସତ୍ୟ ,ଶତ ପ୍ରତିଶତ...!!!!

*ନୂଆପଡା, କଟକ*

## ମା ସିଂହବାହିନୀ

*ସୁଧାକର ରାଉତ*



ମା ସିଂହବାହିନୀ
ତୁମର ତ ରହିଛି ସ୍ୱାକ୍ଷର
ଜଗତର କୋଣ ଅନୁକୋଣେ ।
ମହାକାଳର କପାଳରେ ବି
ହେଇଛି ଖୋଦିତ
ତୁମ ନାମ ଅଲିଭା ଅକ୍ଷରେ ।
ମହାଜାଗତିକ ବିଶ୍ୱର ପ୍ରତିଟି ରନ୍ଧ୍ର
ମତୁଆଲା ହୋଇ ରହେ
ତୁମ ସଙ୍ଗୀତରେ
ତୁମ ସ୍ଥିର ଅଚଞ୍ଚଳ ସ୍ଥିତି
ଜାହିର କରେ ଜୀବନର ଛନ୍ଦ ସକଳ।
ତୁମେ ଗତି,ଶକ୍ତି,ମୁକ୍ତିର ଆଧାର
ତୁମେ ପ୍ରାଣ ସୃଜନୀ ଶକ୍ତିର
ତୁମେ ଯନ୍ତ୍ରୀ ପୁଣି ଆତ୍ମା ପ୍ରତି ଯନ୍ତର ।
ତୁମେ ପୂର୍ଣ୍ଣଜ୍ଞାନ କୋଷ
ତୁମେ ମୃତ୍ୟୁ ସଂଜିବନୀ, ତୁମେ ହିଁ ଜୀବନ
ତୁମ ଆଗମନୀ ବାର୍ତ୍ତାରେ
ଅଭିପ୍ସା ଶିଖାମାନ ହୁଏ ଉର୍ଦ୍ଧ୍ୱାୟିତ ।
ତୁମ ନୈବେଦ୍ୟ ହେବାକୁ ସରବେ
ସତତ ଚେଷ୍ଟିତ
ତୁମେ ସନାତନୀ ଚେତନାର
ମୂଳଗ୍ରନ୍ଥ ।
ସସାଗରାଧରା ର ପ୍ରତିଟି ବିନ୍ଦୁରେ
ଉପଲବ୍ଧ ହୁଏ ତୁମ ଉପସ୍ଥିତି ।

*ପ୍ରତାପ ନଗରୀ, କଟକ*

## ଦୁଃଖର ନିଦାନ

*ଜେନା ପ୍ରଦୀପ*



ସମସ୍ତ ରୋଗର ମୂଳ କାରଣଟି
ହେଉଛି ଦୁଃଖ
ରୋଗ ଭଲ ପାଇଁ ଖୁସି ମହୌଷଧି
ଖାଇ ତ' ଦେଖ।
ଅଭାବବୋଧରେ ହେଉଥିଲେ ଘାଣ୍ଟି
ଦୁଃଖ ସରେନା
ସ୍ୱଭାବକୁ ଭଲ ରଖିଲେ ଜମାରୁ
ଦୁଃଖ ଫେରେନା
ଥାଉ ବା ନଥାଉ ଧନ ଦୌଲତ
ଜମାରୁ ଦୁଃଖ ମାଡେନା ପାଖ।
ଆଉ କାହା ସହ ନିଜକୁ ତୁଳନା
କରନା କେବେ
ସୁଖ ଦେଖି କା'ର ଈର୍ଷା ଅନୁଭବ
ଆଣନା ଲବେ
ଖୁସିରେ ତୁମର ଜୀବନ ଜିଇଁବ
କରି ତ' ଦେଖ।

ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,
ମର୍କତନଗର (ସିଡିଏ),କଟକ

## ପାଖେଇ ଆସୁଛି ପାର୍ବଣ ବେଳ


**ନିରଞ୍ଜନ ସାହୁ**

ପାଖେଇ ଆସୁଛି ପାର୍ବଣ ସମୟ
ମଣ୍ଡପେ ଚାଲିବ ପୂଜା
ପୂଜା ମଣ୍ଡପର ରତ୍ନ ସିଂହାସନେ
ବିରାଜିବେ ଦଶଭୁଜା ।
ଜନ୍ମାଷ୍ଟମୀ ଠାରୁ ମାଟି ଉଠାହୋଇ
ପ୍ରତିମା ଚାଲିଛି ଗଢ଼ା
ଶିଳ୍ପୀ ଭାଇମାନେ ବିଳମ୍ବ ନକରି
ମୂର୍ତ୍ତି ଗଢ଼ା କାମ ବଢ଼ା
ପୀଠରେ ପାର୍ବଣ ଆରମ୍ଭ ହେଲାଣି
ଉଡୁଛି ବିଜୟ ଧ୍ୱଜା ।
ସୁନ୍ଦର ଭାବରେ ତୋରଣ ହୋଇବ
ଆଖି ଯାଉଥିବ ଲାଖି
ବିଦ୍ୟୁତ ଆଲୋକେ ଝଲସି ଉଠିବ
ଝଲସାଇ ଦେବ ଆଖି
ପରିଷ୍କାର କରିଦିଅ ରାସ୍ତାଘାଟ
ଲାଗିଯିବ ସାଜସଜ୍ଜା ।
ମନୋରଞ୍ଜନର ଖୋରାକ ଯୋଗାଇ
ନାନା କାର୍ଯ୍ୟକ୍ରମ ହେବ
ପଲ୍ଲୀଠୁଁ ସହର ଉତ୍ସବ ମୁଖର
ଅପାର ଆନନ୍ଦ ଦେବ
ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଯିବ
ପଡିବନି ଆଉ ଖୋଜା ।
ପାର୍ବଣ ନିମିତ୍ତ ଘୋଷଣା ହୋଇବ
ଦ୍ରବ୍ୟରେ ରିହାତି କେତେ
ପାର୍ବଣ ନିମନ୍ତେ ଅତ୍ୟାବଶ୍ୟକୀୟ
ଦ୍ରବ୍ୟ କିଣିଆଣ ଯେତେ
ପୂଜା ଛୁଟି ଏବେଏବେ ମିଳିଯିବ
ବୁଲିକି କରିବ ମଜା ।
ମହାଷଷ୍ଠୀ ଠାରୁ ଦଶହରା ଯାଏ
ମଣ୍ଡପେ ଆସିବେ ଦେବୀ
ମହିଷାମର୍ଦ୍ଦିନୀ ସିଂହ ପୃଷ୍ଠ ବିଜେ
ଦେଖି ପ୍ରଣିପାତ ହେବି
ମଙ୍ଗଳ ମହୁରୀ ସହିତେ ବାଜିବ
ବିବିଧ ମଙ୍ଗଳ ବାଜା ।
ପ୍ରତି ଶରତରେ ଏହି ମରତରେ
ଦେବୀ ଆଗମନ ହୁଏ
ମହିଷାସୁରକୁ ନିଧନ କରିକି
ମା ' ଟିକେ ଶାନ୍ତିରେ ଶୁଏ
ଏସନ ପାର୍ବଣ ପାଳନ କରିବା
ମନ ରହୁଥିବ ତାଜା ।

*ନିହଲ ପ୍ରସାଦ ,*
*ଗଁଦିଆ ପାଟଣା*
*ଢେଙ୍କାନାଳ*

# ଲୋଭ ଓ ବୁଦ୍ଧି


**ଦେବାକାନ୍ତି ବିଶି**

ଗୋଟିଏ ଛୋଟ ଗାଁରେ ମନୋଜ ସାହୁ ନାମରେ ଜଣେ ଲୋକ ବସବାସ କରୁ ଥିଲା। ତା ' ର ଛୋଟ ପରିବାରଟିଏ ଥିଲା । ତାର ପଡୋଶୀ ରନକ ମାଝି ନାମରେ ଜଣେ ପଡୋଶୀ ରହୁଥିଲେ। ମନୋଜଙ୍କର ପରିବାରରେ ଚାରି ଜଣ ଥିଲେ।ତାଙ୍କ ସ୍ତ୍ରୀ ନାମ ସୁନୟନ. ପୁତ୍ରଙ୍କ ନାମ ରାମ ଓ ଝିଅଙ୍କର ନାମ ପ୍ରିୟା। ରନକଙ୍କର ପରିବାରରେ ତିନି ଜଣ ଲୋକ ଥିଲେ ।ତାଙ୍କ ସ୍ତ୍ରୀ ନାମ ଦୀପାଞ୍ଜଳି, ପୁତ୍ରଙ୍କ ନାମ ଠାକୁର ଓ ଝିଅଙ୍କ ନାମ ଆଶା। ଦିନେ ଆଶା ଓ ପ୍ରିୟା ଖେଳିବାକୁ ତାଙ୍କର ବାଡ଼ିବଗିଚାକୁ ଯାଇଥିଲେ। ସେଇ ବଗିଚାରେ ଥିଲା ଦଳେ ମହୁମାଛି ଧାଇଁ ଧାଇଁ ଗୋଡେଇ ଆଣିଲେ। ପ୍ରିୟା ଓ ଆଶା ଧାଇଁ ଆସିଲା ବେଳେ ପ୍ରିୟା କିଛି ଟଙ୍କା ପଡିଥିବାର ଦେଖିଲା। ସେଇ ଟଙ୍କାକୁ ନେବା ପାଇଁ ସେ ସେଇଠି ଅଟକି ଗଲା ଆଶା ଦୌଡ଼ି ଦୌଡ଼ି ପଳାଇଲା ।ତା ପରେ ପ୍ରିୟାକୁ ସବୁ ମହୁମାଛି କାମୁଡି ପକେଇଲେ ପ୍ରିୟା ଧାଇଁ ଆସି ଗାଡ଼ିଆରେ ବୁଡ଼ିଲା ପରେ ମହୁମାଛି ଦଳ ପଳାଇଲେ ।ତା ପରେ ପ୍ରିୟା ତାର ଲୋଭ ଯୋଗୁଁ ଦୁଃଖ ଭୋଗିଲା । ପ୍ରିୟା ଘରକୁ ମନ ଦୁଃଖରେ ଗଲା ।ତା' ମା ଦେଖିଲେ ଓ ଚମକି ଗଲେ। ତା' ମାଆ ପଚାରିଲେ,'କ'ଣ ହେଲା' ? ପ୍ରିୟା ସବୁ କଥା ତା' ମାକୁ କହିଲା। ତା' ମା କହିଲେ ଚାଲ ଜଲଦି ଡାକ୍ତରଖାନାଙ୍କ ପାଖକୁ ଯିବା । ତା ପରେ ପ୍ରିୟାକୁ ଡାକ୍ତରଖାନାରେ ଦୁଇଟା ଦିନ ଭର୍ତି କରି ରଖାଗଲା। ପ୍ରିୟା ଭଲ ହୋଇଗଲା। କିଛି ଦିନ ପରେ ଆଶା ଓ ପ୍ରିୟା ଜଙ୍ଗଲକୁ ବୁଲିବାକୁ ଗଲେ । ସେମାନେ ଗୋଟିଏ ବଡ ଗୁମ୍ଫା ଦେଖିଲେ। ସେଇ ଗୁମ୍ଫାରେ ଗୋଟିଏ ବୁଢ଼ୀ ଥିଲା ।ସେଇ ବୁଢ଼ୀକୁ ପ୍ରିୟା ଓ ଆଶା ସାହାଯ୍ୟ କଲେ। ବୁଢ଼ୀ ଖୁସି ହୋଇ ଗୋଟିଏ କଥା କହିଲା, ମୋ ଘର ଆଗକୁ ଗୋଟିଏ ଆମ୍ବ ଗଛ ଅଛି । ସେଇ ଆମ୍ବ ଗଛରେ ଗୋଟିଏ ପରି ଅଛି ଓ ସେଇ ଆମ୍ବ ଗଛକୁ ଲାଗି କି ଦୁଇଟି ରାସ୍ତା ଅଛି ।ସେଇ ରାସ୍ତାର ଡାହାଣ ଆଡକୁ ଗଲେ ଗୋଟିଏ ସିଂହ ଅଛି ।ସେ ଗୁମ୍ଫାରେ ବହୁତ ଧନ ସମ୍ପତି ଅଛି ଓ ବାମପଟେ ଗୋଟିଏ ପରି ଅଛି । ସେ ବହୁତ ଭଲ ଭଲ ବୁଦ୍ଧି ଦବ । ତା ପରେ ଆଶା ଗୋଟିଏ ପ୍ରଶ୍ନ ପଚାରିଲା। ବୁଢ଼ୀକୁ କହିଲା, ଆମେ କେମିତି ତାକୁ ଦେଖିବା ।ତା'ପରେ ବୁଢ଼ୀ ଉତ୍ତରରେ କହିଲା, ସେଇ ଗଛ ମୂଳରେ କିଛି କ୍ଷୀର ଢାଳି ଦେଲେ ସେଇ ପରି ଆପେଆପେ ଆସିଯିବ। ତାପରେ ଆଶା ଓ ପ୍ରିୟା ଗଲେ ସେମାନେ ଯାଉଯାଉ ଗୋଟିଏ ଗଛ ଦେଖିଲେ ଓ ବୁଢ଼ୀ କହିଥିବ ଭଳି କଲେ। ସେଇଠି ଗୋଟିଏ ପରି ଉଭାନ ହେଲା ଓ କଥା ବୁଢ଼ୀ କହିଥିବା ଭଳି କହିଲା ଓ ପଚାରିଲା ବାମ ଯିବା ନ ଡାହାଣକୁ। ଆଶା କହିଲା ମୁଁ ବାମକୁ ଯିବି କାହିଁକି ନା ମୋ ମା କହୁଥିଲା , ବୁଦ୍ଧି ବଳରେ ଗଜ, ସିଂହ, ବ୍ୟାଘ୍ରକୁ ହରେଇ ହେବ। ପ୍ରିୟା କହିଲା ଆଜିକାଲି ଧନ ନ ହେଲେ ଆଉ ଏଇ କଳିଯୁଗରେ କିଛି ହେଉ ନାହିଁ। ଯେଝା ବାଟରେ ଗଲେ। ଆଶା ଗଲା ଓ ଗୋଟିଏ ପରିକୁ ଭେଟିଲା ସେ ତାକୁ ଗୋଟିଏ କାମ ଦେଲା ସେ କାମରେ ଆଶା ସଫଳ ହେଲା ଏବଂ ସମସ୍ତ କାମରେ ଆଶା ସଫଳ ହେଲା । ସେଇ ବୁଢ଼ୀ ସାଧାରଣ ଲୋକ ନଥିଲା ସେ ଗୋଟିଏ ପରି ଥିଲା। ସେ ତାର ଅସଲି ରୂପ ଦେଖେଇ ଦେଲା ଓ ଭଲ ଭଲ ଜ୍ଞାନ ଓ ବୁଦ୍ଧି ଦେଲା। ଏ ପଟେ ପ୍ରିୟା ଗଲା ପରେ ସେ ଗୋଟିଏ ଗୁମ୍ଫାରେ ସିଂହକୁ ଦେଖିଲା। ସିଂହକୁ ମାରିବାକୁ ଧାରୁଆ କାଠ ଧରିଥାଏ। ତା' ଭିତରେ ଅନେକ ଧନ ସମ୍ପତ୍ତି ଥାଏ। ଗୁମ୍ଫା ଭିତରକୁ ପଶିଲା ଓ ଦେଖିଲା । ଗୁମ୍ଫାରେ ସିଂହ ଶୋଇ ରହିଛି। କେମିତି ସିଂହକୁ ମାରିବ ବୁଦ୍ଧି ନ ଥିଲା। ପ୍ରିୟା ଯେତେବେଳେ ସିଂହକୁ ମାରିବାକୁ ଚେଷ୍ଟା କଲା। ସିଂହ ଉଠି ପଡ଼ି ଖାଇ ଦେଲା । ଏ ପଟେ ଆଶା ଭଲ ଭଲ ବୁଦ୍ଧି ପାଇଁ ଆସି କି ଆମ୍ବ ଗଛ ତଳେ ଜଗି ବସିଲା। ତାପରେ ପରି ଆସି କି କହିଲା, ତୋର ସାଙ୍ଗ ପ୍ରିୟା ଆଉ ବଞ୍ଚି ନାହିଁ। ତାକୁ ସିଂହ ମାରି ଖାଇ ଦେଇଛି। ଆଶା ମନ ଦୁଃଖରେ ଘରକୁ ଫେରିଲା।

ଅଷ୍ଟମ ଶ୍ରେଣୀ ଛାତ୍ରୀ
ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର
ଗୋଲାମୁଣ୍ଡା, କଳାହାଣ୍ଡି

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ



# କିଟ୍‌ରେ ୧୬ତମ ଜାତୀୟ ମାର୍କେଟିଂ କନକ୍ଲେଭ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ସଫଳତାର କୌଣସି ସର୍ଟକଟ୍ ନାହିଁ କି କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ ବୋଲି ବିଶିଷ୍ଟ ଶିଳ୍ପପତି ତଥା ଶ୍ରୀ ସିମେଣ୍ଟର ଅଧ୍ୟକ୍ଷ ହରି ମୋହନ ବାଙ୍ଗୁର ପ୍ରକାଶ କରିଛନ୍ତି। କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ପକ୍ଷରୁ ଶନିବାର ଆୟୋଜିତ ୧୬ତମ ଜାତୀୟ ମାର୍କେଟିଂ କନ୍‌କ୍ଲେଭରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବାଙ୍ଗୁର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଯେଉଁମାନେ ନିରନ୍ତର କଠୋର ପରିଶ୍ରମର ଅନୁଶାସନକୁ ଆପଣେଇ ଥାଆନ୍ତି ସେମାନେ ନିଶ୍ଚିତ ଭାବେ ସେମାନଙ୍କ କ୍ୟାରିଅରରେ ସଫଳ ହୋଇଥାନ୍ତି। ଜୀବନର ଲକ୍ଷ୍ୟ ଓ ମୂଲ୍ୟବୋଧ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ସହ ବିନମ୍ର ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ନିଜର ପ୍ରାସଙ୍ଗିକତା ପରଖିବା ପାଇଁ ସେ ଦୁଇ ଦଶକ ଧରି କ୍ୟାଟ୍ ପରୀକ୍ଷାରେ ବସିଆସୁଥିବା ନେଇ ନିଜର ଉଦାହରଣ ଦେଇ କହିଲେ, ଜୀବନରେ ତୁମର ଉଦ୍ଦେଶ୍ୟ, ଅନୁଶାସନ, ବିନମ୍ରତା ଓ ସଚ୍ଚୋଟତା ତୁରନ୍ତ ନଜରକୁ ନ ଆସିଲେ ମଧ୍ୟ ଏସବୁ ତୁମକୁ ଆଗକୁ ନେଇ ଆଗେଇ ନେଇଥାଏ। ଏହି ଅବସରରେ ଶ୍ରୀ ବାଙ୍ଗୁର୍ ସମାବେଶି ଶିକ୍ଷା ସ୍ୱପ୍ନକୁ ଭାରତର ଦୁଇଟି ପ୍ରତିଷ୍ଠିତ ଅନୁଷ୍ଠାନ କିଟ୍ ଓ କିସ୍‌ରେ ସଫଳ କରିବା ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶିତାର ପ୍ରଶଂସା କରିଥିଲେ। ଭାରତୀୟ ଅର୍ଥନୈତିକ ଯାତ୍ରା ଉପରେ ଆଲୋକପାତ କରି ସେ କହିଲେ, ଆମ ଦେଶ ଏକ ଅଭାବଗ୍ରସ୍ତ ଅର୍ଥ ବ୍ୟବସ୍ଥାରୁ ବାହାରି ଏକ ସମୃଦ୍ଧ ଓ ସମ୍ଭାବନାପୂର୍ଣ୍ଣ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି। କନ୍‌କ୍ଲେଭର ବିଷୟବସ୍ତୁ ସ୍ଥାୟୀ ବାଣିଜ୍ୟିକ ବିବିଧତା: ପ୍ରଯୁକ୍ତିବିଦ୍ୟା, ସଚ୍ଚୋଟତା ଏବଂ ବ୍ରାଣ୍ଡର ଭବିଷ୍ୟତ ଉପରେ ଶ୍ରୀ ବାଙ୍ଗୁର କହିଲେ, ଏବେ ଅଧିକ ବିକଳ୍ପ ଥିବାବେଳେ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ନବସର୍ଜନା, ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବଂ ନିଜର ଉତ୍ପାଦଗୁଡ଼ିକ ସହ ସମ୍ମାନ ଓ ଗୌରବ ପ୍ରଦାନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ଏବଂ ଡ଼ିନ୍ ପ୍ରଫେସର ଅରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାର୍କେଟିଂ କନ୍‌କ୍ଲେଭର ବିଷୟବସ୍ତୁ ଉପରେ ପ୍ୟାନେଲ୍ ଆଲୋଚନା ଓ କର୍ମଶାଳାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବହୁ ପ୍ରତିଷ୍ଠିତ କମ୍ପାନୀର ମାର୍କେଟିଂ ମୁଖ୍ୟମାନେ ଯୋଗଦେଇ ନିଜର ମତାମତ ରଖିଥିଲେ।

# ପାରାଦୀପରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ : ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାମୁଦ୍ରିକ ବିକାଶ କ୍ଷେତ୍ରର ରୂପାନ୍ତରଣ ପାଇଁ ବିଭିନ୍ନ ପ୍ରକଳ୍ପ ଭିତିପ୍ରସ୍ତର ଓ ଉଦଘାଟନକୁ ସ୍ୱାଗତ




ପାରାଦୀପ,(ପି.ଏନ): ଦେଶବ୍ୟାପି ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ ପାଇଁ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହିତ ଉଦଘାଟନ କରିଛନ୍ତି । ଗୁଜୁରାଟର ଭାବନଗରଠାରେ ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶାର ପାରାଦୀପ ବନ୍ଦରର ଦକ୍ଷିଣ କେ ନର ବର୍ଥ, ସାଉଥ କ୍ୱେର ଯାନ୍ତ୍ରୀକିକରଣ, ବହୁମୁଖୀ ପଣ୍ୟବର୍ଥର ଯାନ୍ତ୍ରୀକିକରଣ, ଉତର ଡକ୍ କମ୍ପ୍ଲେକ୍ସ-୩ ଅର୍ନ୍ତଭୁକ୍ତ । ଏହି ଅବସରରେ ପାରାଦୀପ ବନ୍ଦର ଜୟଦେବ ସଦନ ପରିସରରେ ସମୁଦ୍ର ସମୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ । ଭାବନଗରଠାରେ ଅନୁଷ୍ଠିତ ହେଉଥିବା ଟ୍ରାନଫରମିଂ ମେରିଟାଇମ୍ ସେକ୍ଟର କନକ୍ଲେଭରେ ଶୁକ୍ରବାର ଦିନ ଗଂଜାମ ଜିଲ୍ଲାର ବାହୁଦ ମୁହାଣଠାରେ ଏକ ବନ୍ଦର ନିର୍ମାଣ ନିମନ୍ତେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ପାରାଦୀପ ବନ୍ଦର କ ୃପକ୍ଷ, ଓଡିଶା ସାମୁଦ୍ରିକ ବୋର୍ଡ ଓ ଭାରତ ସରକାରଙ୍କ ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ମଧ୍ୟରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ୫୦୦୫ ଏକର ଲୁଣା ଜମିରେ ଏହି ବନ୍ଦର ପାରାଦୀପ ବନ୍ଦରର ସାଟେଲାଇଟ୍ ବନ୍ଦର ହେବ। ଏହି ବନ୍ଦରରେ ବାର୍ଷିକ ୧୫୦ ଏମଏମଟି ପଣ୍ୟକାରବାର ହେବାର ଲକ୍ଷ୍ୟ ରଖାଯାଇଛି । ଏଥି ସହିତ, କେନ୍ଦ୍ରାପଡା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ନିର୍ମାଣ ନିମନ୍ତେ ପାରାଦୀପ ବନ୍ଦର କର୍ତୃପକ୍ଷ ଏବଂ ଓଡିଶା ସାମୁଦ୍ରିକ ବୋର୍ଡ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମହାନଦୀ ଅବବାହିକାରେ ପ୍ରସ୍ତାବିତ ଏହି କ୍ଲଷ୍ଟରରେ ୧ ନିୟୁତ ଟନ୍‌ରୁ ଅଧିକ କ୍ଷମତା ବିଶିଷ୍ଟ ଜାହାଜ ନିର୍ମାଣ ହେବା ସହିତ ଦୁଇରୁ ଅଢେଇ ଏକର ଜମିରେ ଜାହାଜ ଇଂଜିନ୍ ନିର୍ମାଣ କରାଯିବ । ଏଥି ସହିତ ଷ୍ଟିଲ ଫେବ୍ରିକେସନ୍, ଉପକରଣ ନିର୍ମାଣ କାରଖାନା, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର, ଗବେଷଣା କେନ୍ଦ୍ର ନିର୍ମାଣ ହେବ । ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ ଜାହାଜ ନିର୍ମାଣ କ୍ଷେତ୍ରରେ ଓଡିଶା ବିଶ୍ୱସ୍ତରୀୟ କେନ୍ଦ୍ର ହୋଇ ପାରିବ । ରାଜ୍ୟ ଶିଳ୍ପ ଅଭିବୃଦ୍ଧି ଓ ଅଂଚଳର ବିକାଶ ହୋଇପାରିବ । ପାରାଦୀପ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏ.ସି.ସାହୁ, ମୁଖ୍ୟ ଯାତାୟତ ପ୍ରବନ୍ଧକ ଜି.ଏଡିସନ୍‌ଙ୍କ ସମେତ ନଗରପାଳ ବସନ୍ତ ବିଶ୍ୱାଳ,ପାରିଷଦ ସୁବ୍ରତ କୁମାର ପ୍ରଧାନ, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ପ୍ରମୁଖ ଯୋଗ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଚ଼ପ୍ରିଆଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ରକ୍ତଦାନ ଶିବିର



ଗୋଲାମୁଣ୍ଡା (ପି ଏନ): ଭାରତୀୟ ଜନତା ପାର୍ଟି ଗୋଲାମୁଣ୍ଡା ବ୍ଲକ ପକ୍ଷରୁ ଚ଼ପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସେବା ପକ୍ଷ ଉପଲକ୍ଷେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ସମ୍ମାନୀତ ଅତିଥି ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର,ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ପ୍ରଥମେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ରକ୍ତ ଦାନ କରିଥିଲେ । ସଂଧ୍ୟା ସମୟରେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ ଯୋଗ ଦେଇ ରକ୍ତ ଦାତା ଓ ସହଯୋଗୀ ମାନଂକୁ ଉତ୍ସାହିତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଶିବିରରେ ସର୍ବମୋଟ ୨୦୬ ଜଣ ବ୍ୟକ୍ତି ରକ୍ତଦାନ କରି ୨୦୬ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା । ଏହି ଶିବିରରେ ଜନ କଲ୍ୟାଣ ସାମ୍ବାଦିକ ସଂଘର ସହ ସମ୍ପାଦକ ବ୍ରହ୍ମା ପ୍ରସାଦ କାଣ୍ଡ, ବିଶିକେଶନ ଜ୍ୟୋତିଷ, କୃଷ୍ଣ ମହାନନ୍ଦ, ଚ଼ନ୍ଦ୍ରଧ୍ୱଜ କେତକୀ,ଭୁଜରାଜ ସାହୁ ୫ ଜଣ ସାମ୍ବାଦିକ ମଧ ରକ୍ତ ଦାନ କରିଥିଲେ। ଏଥିରେ ଡାକ୍ତର ଅରବିନ୍ଦ ଦାସ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, କେଗାଁ ମଣ୍ଡଳ ସଭାପତି ଜୟ କୃଷ୍ଣ ସାହୁ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପଧାନ, ରକ୍ତ ଦାନ ଶିବିର ସଂଯୋଜକ ଶ୍ୟାମ ସୁନ୍ଦର ଅଗ୍ରୱାଲ ତଥା ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ପାଠଚ଼କ୍ର



ଭୁବନେଶ୍ୱର,(ପି.ଏନ): ଶିଶୁ ଅନନ୍ତ ମହାବିଦ୍ୟାଳୟ ବାଲିପାଟଣା ର ପରିସରରେ ଅଧ୍ୟକ୍ଷା ଡକ୍ଟର ମଧୁମତି ରଥଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏକ ପାଠଚ଼କ୍ର ଆୟୋଜନ କରାଯାଇଥିଲା।ଏହି ପାଠଚ଼କ୍ରକୁ ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ବିଶ୍ୱବିଦ୍ୟାଳୟ , ସତ୍ୟବାଦୀ, ପୁରୀର ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଏବଂ ସ୍ନାତକୋତ୍ତର ପରିଷଦ ଚେୟାର ମ୍ୟାନ ଭାବେ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର ମହୋଦୟ ଉପସ୍ଥିତ ଥିଲେ।ବିଭାଗର ବରିଷ୍ଠ ଅଧ୍ୟାପିକା ଡକ୍ଟର ସୁଜାତା କୁମାରୀ ସାହୁ ସଂଯୋଜନା କରିଥିଲେ ଏହି କାର୍ଯ୍ୟକ୍ରମକୁ । ବିଭାଗୀୟା ମୁଖ୍ୟା ପ୍ରାଧ୍ୟାପିକା ଡକ୍ଟର ରଶ୍ମିତା ମହାପାତ୍ର ମାଡାମ ସଂପାନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ପରିଚ଼ୟ ପ୍ରଦାନ କରିଥିଲେ ଡକ୍ଟର ସସ୍ମିତା କୁମାରୀ ପାତ୍ର। ମୁଖ୍ୟ ବକ୍ତା ନିଜର ଓଜସ୍ୱିନୀ ବକ୍ତବ୍ୟ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଜିଜ୍ଞାସାବୋଧକୁ ଦୂର କରିଥିଲେ।ଛାତ୍ରୀ ମୁସ୍କାନ ବେଗମ୍ ଓ ସ୍ମୃତିରେଖା ବେହେରା ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ।ବିଭାଗର ଅନ୍ୟତମ ଅଧ୍ୟାପିକା ଶ୍ରୀମତୀ ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚ଼କ୍ର ସଂପାନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତି ଓ ସହଯୋଗରେ ବାର୍ଷିକ ପାଠଚ଼କ୍ର ସଂପାନଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

# ‘ଭୂମିକା’ ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ



ବାରିପଦା,(ପି.ଏନ): ସ୍ଥାନୀୟ ଭୁଗୁଡାକଟାସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ଲକ୍ଷ୍ମୀପୋଷିଠାରେ ଥିବା ୫ମ ବାଟାଲିୟନ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଚିକିତ୍ସାଳୟର ଅଧ୍ୟକ୍ଷକ ଡା. ପାର୍ଥ ସାରଥୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ କମାଣ୍ଡା ପ୍ରଶାନ୍ତ ନାୟକ ଉଦ୍‌ଘାଟନ କରି ଚକ୍ଷୁ ହିଁ ମଣିଷ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ନିଜର ବକ୍ତବ୍ୟରେ କହିଥିଲେ । ଉକ୍ତ ଶିବିରରେ ଭୂମିକାର ଆ ଳିକ ଶାଖା ପରିଚାଳକ ବିରଂଚି ନାରାୟଣ ସେଠୀ , ଅନ୍ୟତମ ପରିଚାଳକ ରାଜଶ୍ରୀ ପ୍ରଧାନ, ରାମଚନ୍ଦ୍ର ରାୟ ତଥା ସ୍ନେହାଶିଷ ହାଜରାଙ୍କ ସହଯୋଗୀତାରେ ୧୨୦ଜଣ ପୋଲିସ କର୍ମଚାରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଡାକ୍ତର ଜେନା କର୍ମଚାରୀଙ୍କୁ ଦୃଷ୍ଟି ଶକ୍ତି କିପରି ଠିକ୍ ରହିପାରିବ ସେ ବିଷୟରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲିଜାରାଣୀ ମହାନ୍ତ, ରତ୍ନମଣୀ ମହାନ୍ତ, ରଶ୍ମିତା ଗିରି, ସସ୍ମିତା ସାହୁ ଓ କମଳ ଜେନା ପ୍ରମୁଖ ପରିଚାଳନା କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray